## କାଳବୈଶାଖୀରେ ଉପୁଡ଼ିଲା ଗଛ,ବିଦ୍ୟୁତ୍ ଖୁଣ୍ଟ

ବେହେରା,(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମରେ ରବିବାର କାଳବୈଶାଖୀ ପ୍ରଭାବରେ ବହୁ କ୍ଷୟକ୍ଷତି ହୋଇଛି। ବେହେରା ଧର୍ମଗଡ଼ ବେହେରା ମୁଖ୍ୟ ରାସ୍ତାରେ ଏକ ଷ୍ଟୋର ପାଖରେ ଏକ ବିରାଟ ଗଛ ଉପୁଡି ପଡିଛି। ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟ ମଧ ଉପୁଡି ପଡି ତାର ଝୁଲି ରହିଛି। ଫଳରେ ରାସ୍ତା ବନ୍ଦ ରହିବା ସହ ବିଦ୍ୟୁତ୍ ସେବା ବନ୍ଦ ରହିଛି। ଶୀଘ୍ର ମରାମତି କରି ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ସଂକ୍ଷେପରେ**

## ବେଙ୍ଗାଲୁରୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

### ଆଜି ଗାଁରେ ପହଞ୍ଚିବ ମୃତଦେହ

କୋକସରା/ବେହେରା,୫।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକରେ ସପ୍ତାହେ ନ ପୁରୁଣୁ ପୁଣି ଜଣେ ଦାଦନ ଶ୍ରମିକଙ୍କ ବେଙ୍ଗାଲୁରୁରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଶ୍ରମିକ ହେଲେ



ମୁଷାପାଲି ପଞ୍ଚାୟତ ଖପ୍ରାମାଲ ଗ୍ରାମର ଗଜିନ ନାଏକ (୨୧)। ଗଜିନ ପ୍ରାୟ ୪ ବର୍ଷ ତଳେ ବେଙ୍ଗାଲୁରୁକୁ କାମ କରିବାକୁ ଯାଇଥିଲେ। ଶନିବାର ସନ୍ଧ୍ୟାରେ ହଠାତ ଗଜିନଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ସ୍ଥାନୀୟ ଏକ ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ଗଜିନଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକଙ୍କ ବଡ଼ଭାଇ ଟିକ ନାଏକ ମଧ ଅନ୍ୟ ଏକ ସ୍ଥାନରେ ଦାଦନ ଖଟୁଥିବା ବେଳେ ଭାଇଙ୍କ ମୃତ୍ୟୁ ଖବର ପାଇ ସେଠାରେ ପହଞ୍ଚିଥିଲେ। ଗରିବ ପରିବାର ହୋଇଥିବାରୁ ମୃତଦେହ ଆଣିବା ସକ୍ଷମ ନ ଥିବାବେଳେ ଧାରକରଜ କରି ଆଣୁଥିବା ଜଣାପଡିଛି। ସୋମବାର ମୃତଦେହ ଗାଁରେ ପହଞ୍ଚିବ ବୋଲି ସୂଚନା ମିଳିଛି।

## ବୋଲେରୋ ଧକ୍କାରେ ବୃଦ୍ଧ ମୃତ

ଜୁନାଗଡ଼,୫।୬(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ବନମାଳିପୁର ଛକ ଇଟାଫେକ୍ଟ୍ରି ନିକଟରେ ରବିବାର ଭୋରେ ଅଜଣା ବୋଲେରୋ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କାପସରା ଗ୍ରାମର ବାସି ବାଗ(୫୨) । ସୂଚନା ଅନୁଯାୟୀ, କାପସରା ଗ୍ରାମର ବାସି ଓ ତାଙ୍କ ପଡୋଶୀ ମନ୍ତ୍ରୀ ବାଗ ବଳଦ ବିକ୍ରି କରିବାକୁ ଜୁନାଗଡ଼ ସାପ୍ତାହିକ ହାଟକୁ ଆସୁଥିଲେ। ଏହି ସମୟରେ ବନମାଳିପୁର ଛକ ଇଟା ଫେକ୍ଟ୍ରି ନିକଟରେ ଏକ ଅଜଣା ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଉଭୟ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଜୁନାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ବାସିଙ୍କୁ ମୃତ ଘୋଷଣା କରିଥିଲେ। ମନ୍ତ୍ରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

## ଅଖିଳ ଭାରତୀୟ ମାରୱାଡି ସମ୍ମେଳନର ନୂତନ କର୍ମକର୍ତ୍ତା ଚୟନ

ରୁପ୍ରା ରୋଡ,୫।୬(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରାରୋଡ ଅଖିଳ ଭାରତୀୟ ମାରୱାଡି ସମ୍ମେଳନ ଶାଖା ପକ୍ଷରୁ ନୂତନ କର୍ମକର୍ତ୍ତା ଏବଂ ଶପଥ ଗ୍ରହଣ ଉତ୍ସବ ସ୍ଥାନୀୟ ଅଗ୍ରେସନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଧେଶ୍ୟାମ ଖେତାନ ଶାଖା ଅଧକ୍ଷ୍ୟ ଭାବେ ନିର୍ବାଚିତ ହୋଇଥିବା ବେଳେ ଶାଖା ସଚିବ ପ୍ରଦୀପ ଅଗ୍ରୱାଲ, କୋଷାଧକ୍ଷ ଶ୍ୟାମ ସୁନ୍ଦର ଶର୍ମା, ଉପାଧକ୍ଷ ବିମଳ କେଡ଼ିଆ ଏବଂ ଦୀନେଶ ଅଗ୍ରୱାଲ, ସହ ସଚିବ ବିଜୟ ଅଗ୍ରୱାଲ ଏବଂ କାନୁନୀ ସଲାହକାର ଭାବେ ଗୋବିନ୍ଦ ରାମ ଖେତାନଙ୍କୁ ମନୋନୀତ କରାଯାଇଛି। ପୂର୍ବତନ ଅଧକ୍ଷ୍ୟ ସୁବାଷ ଅଗ୍ରୱାଲ ଏବଂ ସତ୍ୟନାରାୟଣ ଜୈନ ମଞ୍ଚାସୀନ ଥିଲେ। ରତନ ଅଗ୍ରୱାଲ, ଅନିଲ ଅଗ୍ରୱାଲ, ଗୋବିନ୍ଦ ଅଗ୍ରୱାଲ, ଓମ ପ୍ରକାଶ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ବିଧବାଙ୍କ ପାଇଁ ଇନ୍ଦିରା ଆବାସ ସ୍ୱପ୍ନ

ନର୍ଲା,୫।୬(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ପଞ୍ଚାୟତ ୯ ନଂ. ୱାର୍ଡବାସିନ୍ଦା ସୁନି ଜଡ଼ା ନାମକ ଜଣେ ବିଧବା ମହିଳାଙ୍କ ପାଇଁ ଇନ୍ଦିରା ଆବାସ ସ୍ୱପ୍ନ ପାଲଟିଛି। ଏଥିପାଇଁ ବାରମ୍ବାର ବ୍ଲକ ପ୍ରଶାସନ ପାଖରେ ଗୁହାରି କଲେ ମଧ ଇନ୍ଦିରା ଆବାସ ଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି। ସୂଚନା ଯେ, ୨୦୧୧ରେ ସୁନି ଜଡ଼ାଙ୍କ ସ୍ୱାମୀ ସ୍ୱର୍ଗତ ଘାସି ଜଡ଼ାଙ୍କ ନାମରେ ଇନ୍ଦିରା ଆବାସ ଗୃହ ନିର୍ମାଣ ପାଇଁ ଏସିସି ଲିଷ୍ଟରେ ବିଜ୍ଞାପ୍ତି ପ୍ରକାଶ ପାଇଥିଲା। ୨୦୧୫ରେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିବା ପରେ ତାଙ୍କ ସ୍ତ୍ରୀ ବାରମ୍ବାର ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଯାଇ ଥକିପଡ଼ିଲେ। କିନ୍ତୁ ତାଙ୍କୁ ଘର ଖଣ୍ଡେ ମିଳିଲା ନାହିଁ। ଏପରି କି ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ତାଙ୍କୁ ଏପର୍ଯ୍ୟନ୍ତ ଘର ପାଇବାରୁ ବଞ୍ଚିତ । ପ୍ରଶାସନ ଦୃଷ୍ଟି ଦେଇ ବିଧବାଙ୍କୁ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ପୃଥିବୀର ବିକଳ୍ପ ନାହିଁ ଏକଥା ବୁଝିବାକୁ ହେବ

### ବଲାଙ୍ଗୀର ଦିନ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ବଲାଙ୍ଗୀର ଅଫିସ, ୫।୬

ସ୍ଥାନୀୟ ପତିପାବନ ଏକାଡେମୀ ପ୍ରେକ୍ଷାଳୟରେ ବଲାଙ୍ଗୀର ଦିନ୍ କମିଟି ପକ୍ଷରୁ ରବିବାର ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ ଲୋଇସିଂହା ବିଧାୟକ ତଥା ପରିବେଶ ବିଜ୍ଞାନୀ ଡ ମୁକେଶ ମହାଲିଙ୍ଗ। ମୁଖ୍ୟବକ୍ତା ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ପ୍ରେସ କ୍ଲବ୍ ସଭାପତି ଅରୁଣ ମିଶ୍ର ଓ ବିରେନ୍ଦ୍ର କୁମାର ଝାଙ୍କର ଯୋଗଦାନ କରିଥିଲେ। ବିଶ୍ୱ ପରିବେଶ ଦିବସର ପ୍ରସଙ୍ଗ ଏକମାତ୍ର ପୃଥିବୀ ଉପରେ ଅତିଥି ବକ୍ତାମାନେ କହିବା ସହ ପୃଥିବୀର ବିକଳ୍ପ ନାହିଁ ଏହି କଥାକୁ ସମସ୍ତେ ବୁଝିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ।

ମୁଖ୍ୟଅତିଥି ବିଧାୟକ ଡ ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ଗଛ ଓ ପୃଥିବୀର ବିକଳ୍ପ ନାହିଁ ବୋଲି କହିଥିଲେ। ଆମ ଦେଶରେ ମୁଣ୍ଡ ପିଛା ଗଛ ସଂଖ୍ୟା ମାତ୍ର ୨୮ ଏବଂ ଏହା ପୃଥିବୀର ଅନ୍ୟ ଦେଶ ତୁଳନାରେ ଢ଼େର କମ୍ ବୋଲି କହିଥିଲେ। ଭବିଷ୍ୟତରେ ଜନସଂଖ୍ୟାଠାରୁ ଗଛ ସଂଖ୍ୟା କମିଯିବାର ଆଶଙ୍କା ରହିଛି ବୋଲି ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ପଣ୍ଡା ପରିବେଶରେ ସୁରକ୍ଷାକୁ ନେଇ ରାଷ୍ଟ୍ରୀୟ ଗୁରୁଦାୟିତ୍ୱ ରହିଛି । ପ୍ରକୃତି ଓ ପରିବେଶକୁ ସୁରକ୍ଷା କରାଯାଇ ବିକାଶର ମାର୍ଗ ପ୍ରଶସ୍ତ କରା ନ ଗଲେ ମାନବ ସମାଜର ବିନାଶକୁ ନିମନ୍ତ୍ରଣ କରିବା ଭଳି ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ପୌରାଧକ୍ଷା ସାହୁ ଜନସଚେତନତା ଏବଂ ପରିବେଶ ସୁରକ୍ଷା ଉପରେ କହି ଆଗାମୀ ଦିନରେ ପୌରାଞ୍ଚଳର ଖାଲି ସ୍ଥାନରେ ଚାରାରୋପଣ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ମିଶ୍ର ଓ ଝାଙ୍କର ପରିବେଶଜନିତ ଆହ୍ୱାନ, ବିକିରଣ ସମସ୍ୟା ଏବଂ ରୋଗ ଉପଦ୍ରବ ଉପରେ କହିଥିଲେ। କବି ଅର୍ଜୁନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କମିଟି ସମ୍ପାଦକ ତଥା କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ୟୋକ୍ତା ପ୍ରଶାନ୍ତ ମହାକୁର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ସବୁଜ ବାହିନୀ ଓ ସାଥୀ, ଦେଓଗାଁ ବ୍ଲକର ବଗଡ଼ା ଗାଁର ଗ୍ରୀନ୍ ଆର୍ମି, ମାହେଶ୍ୱରୀ ମହିଳା ଶାଖା, ଗୋ ଗ୍ରୀନ ଅନୁଷ୍ଠାନ ଏବଂ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ସଭାରେ ଡ. ଘାସିରାମ ମିଶ୍ର, ଗୋପବନ୍ଧୁ ଶତପଥୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରତନ ମହାରାଣା, ଅଚ୍ୟୁତ ପୁରୋହିତ, ମନୋରଞ୍ଜନ ସାହୁ, ଗୋପଭୂଷଣ ନାଥ, ବିଧୁଭୂଷଣ ତ୍ରିପାଠୀ, ଆନନ୍ଦ ବଡ଼ପଣ୍ଡା,ସନ୍ଦୀପ ବାଗ, କିଶୋର ବରିହା, ଦିନେଶ ଶର୍ମା, ଲୋଟସ୍ ଷଡ଼ଙ୍ଗୀ, ବ୍ୟାସଦେବ ନନ୍ଦ, ରଞ୍ଜିତ ମିଶ୍ର, ରାମ ନାରାୟଣ ଦାଶ, ବିକାଶ ସା ଉପସ୍ଥିତ ଥିଲେ। ଶୋଭନ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।



ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବଲାଙ୍ଗୀର ସବୁଜ ବାହିନୀ ଟିମ୍‌କୁ ସମ୍ମାନିତ କରାଯାଉଛି।

## ବିଶ୍ୱ ପରିବେଶ ଦିବସରେ ଚାରା ରୋପଣ



ହରିଶଙ୍କର ଚିଡିଆଖାନା ପାର୍ଶ୍ୱରେ ଚାରା ରୋପଣ କରାଯାଉଛି।

ଖପ୍ରାଖୋଲ, ୫।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ନାନ୍ଦୁପଲାଠାରେ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗଙ୍କ ଆହାନକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଆମ ଜଙ୍ଗଲ ଯୋଜନା ଟିମ୍ ଲିଡ଼ର ସଞ୍ଜୀବ ପଣ୍ଡା ଅଧକ୍ଷତା କରିଥିଲେ। ଅତିଥିଭାବେ ହରିଶଙ୍କର ବନପାଳ ଅରବିନ୍ଦ ଧରୁଆ, ରେଙ୍ଗାଲି ବନପାଳ ଘାସୀରାମ ଦୀକ୍ଷିତ, ଖପ୍ରାଖୋଲ ବନପାଳ ସୁଧିର କୁମାର ଜେନା, ଏଫଇଏସ. ଏମଟି ଅଭୟ ତ୍ରିପାଠୀ ଯୋଗଦେଇଥିଲେ। ଅତିଥିମାନେ ବିଶ୍ୱ ପରିବେଶ ଦିବସ ଉପରେ ଆଲୋକପାତ କରିବା ସହ ଜଳ, ଜଙ୍ଗଲ, ଜମି ପରିଚାଳନା ଉପରେ କହିଥିଲେ। ଏହି ଅବସରରେ ବିଭିନ୍ନ ବନ ସୁରକ୍ଷା ସମିତି ସଦସ୍ୟମାନେ ଚାରା ରୋପଣକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରେ ହରିଶଙ୍କର ଚିଡିଆଖାନା ପାର୍ଶ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜ୍ଞାନନ୍ଦ ପାଣିଗ୍ରାହୀ, ମହେନ୍ଦ୍ର କାଲ ସାଏ, ମିଥୁନ ମିର୍ଦ୍ଧା, ସଞ୍ଜୀବ ପଧାନ, ଭିଏସଏସ ସଭାପତି ମଧୁସୂଦନ ମାଝି, ଆନିମିଟର ସତ୍ୟ ବେହେରା, ଖଗେଶ୍ୱର ପାତ୍ର, ଜ୍ୟୋତିରଞ୍ଜନ ପଣ୍ଡା, ଉମାକାନ୍ତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ତାଲୁକ ଆଇନ ସେବା ସମିତି ପାଳିଲା ପରିବେଶ ଦିବସ



ଟିଟିଲାଗଡ ତାଲୁକ ଆଇନ ସେବା ସମିତି ପକ୍ଷରୁ ଚାରା ରୋପଣ କରାଯାଉଛି।

ଟିଟିଲାଗଡ଼, ୫।୬ (ଡି.ଏନ.ଏ)

ବିଶ୍ୱ ପରିବେଶ ଦିବସରେ ଟିଟିଲାଗଡ ତାଲୁକ ଆଇନ ସେବା ସମିତି ପକ୍ଷରୁ ଚାରା ରୋପଣ କରାଯାଇଛି। ସମିତି ଅଧକ୍ଷ ଜିଲା ଦୌରା ଏବଂ ସେସନ ବିଚାରପତି ରାଜକିଶୋର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଅଧକ୍ଷ ସବ୍‌ଜଜ ରମାକାନ୍ତ ମହାନ୍ତି,ଏସ୍‌ଡିଜେଏମ ମମିତା ସାହୁ କୋର୍ଟ ପରିସରରେ ଚାରାରୋପଣ କରିଥିଲେ। ଭାରପ୍ରାପ୍ତ ଉପଜିଲାପାଳ ପ୍ରେମଲାଲ ହିଆଲ, ଫ୍ରଣ୍ଟ ଅଫିସ ରିଟେନର ଜୟନ୍ତ ପଣ୍ଡା, ପେନାଲ ପି.କେ.ବିଶି, ରାଜେଶ ବାବୁ, ବରିଷ୍ଠ ଆଇନଜୀବୀ ସୁମନ୍ତ ବେହେରା, ବାର ସଂଘ ସମ୍ପାଦକ କାର୍ତ୍ତିକ ଛତର, ସମିତି କିରାଣୀ ଯଶୋବନ୍ତ ଛତ୍ରିଆ, ନାଜିର ଜିତେନ୍ଦ୍ରିୟ ବିଶ୍ୱାଳ, ସୁଜିତ ପଣ୍ଡା, ସଦାନନ୍ଦ ପୁରୋହିତ, ଟିଟିଲାଗଡ ବନ ରେଞ୍ଜ ଅଧିକାରୀ ଶିବପ୍ରସାଦ ନାୟକ, ବନପାଳ ଅମରେଶ ବୁଡେକ ତଥା ସମସ୍ତ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

## ବିଶ୍ୱ ପରିବେଶ ଦିବସ ପାଳିତ

ନୂଆପଡ଼ା ଅଫିସ,୫।୬

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବୃନ୍ଦିକୋମନା ପଞ୍ଚାୟତ ପଣ୍ଡରାପଥରଠାରେ ମଦର ଟେରେସା ସେବା ସଂଘ ପକ୍ଷରୁ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଣ୍ଡରାପଥରସ୍ଥିତ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ଶାନ୍ତି ପାଇଁ ହୋମଯଜ୍ଞ ସାଙ୍ଗକୁ ବୃକ୍ଷ ପୂଜା, ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘ ସମ୍ପାଦକ ଶେଷଦେବ ପ୍ରଧାନୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସଙ୍ଗଠନ ମହିଳା ଫୋରମ କର୍ମକର୍ତ୍ତାମାନେ ବିଶ୍ୱଶାନ୍ତି ହୋମଯଜ୍ଞରେ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଚାରା ରୋପଣ କରି ଏହାର ଯତ୍ନ ନେବା ପାଇଁ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେତୁ ପ୍ରଧାନୀ, କ୍ଷମା ଭୋଇ, ଥବିର ଶବର ପ୍ରମୁଖ ସହଯୋଗ କରିଥିଲେ। ସେହିପରି କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗଣିଆରି ରୋୟଲ କ୍ଲବ ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କ୍ଲବ ସଦସ୍ୟମାନେ ପଣ୍ଡରାପଥରଠାରେ ଥିବା ସୁନ୍ଦର ଜଙ୍ଗଲ ନାଳକୁ ପଥର ମାଧ୍ୟମରେ ହିଡ କରି ବନ୍ଧାଯାଇଛି। ବର୍ଷା ଦିନରେ ବର୍ଷା ହେଲା ପରେ ନାଳରେ ପାଣି ରହିବ। ଫଳରେ ବର୍ଷାପାଣି ଜଙ୍ଗଲରେ ହିଁ ରହିବ ଓ ଗଛକୁ ଠିକ ପାଣି ମିଳିପାରିବ ସହିତ ଜଙ୍ଗଲ ସୁରକ୍ଷା ମଧ୍ୟ ହୋଇପାରିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ୟୋୟଲ କ୍ଲବ ସଦସ୍ୟ ଥୟରାମ ହଂସ, ଟିକେଶ୍ୱର ହଂସ, ମୋହନ ହଂସ, ଲିଙ୍ଗରାଜ ଅଦା, କୈସପ ଶଗରିଆ, ପିଙ୍କୁ ନିଆରି, ଦୀପକ ବାଗ, ପ୍ରତାପ ହଂସ, କୃଷ୍ଣ ବେମାଲ, ରିଙ୍କୁ ନିଆରୀ, କୂଳମଣି ଅଦା ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଦ୍ୱାରା ଚାରା ରୋପଣ କରାଯାଉଛି।

## ଜଳ ସଂରକ୍ଷଣ ପାଇଁ ଶପଥ ନେଲେ

ଖପ୍ରାଖୋଲ, ୫।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ଦୁଦୁମଦର୍ହାଠାରେ ଗାଁମୁକ୍ତି ସଂଗଠନ ତରଫରୁ ବିଶ ପରିବେଶ ଦିବସ ଅବସରରେ ଜଳ ସଂରକ୍ଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସମ୍ପାଦକ ଗୋଲାପ ନିଆଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ଜୈବ ବିଭିଧତା ବିଷୟରେ ବକ୍ତାମାନେ ମତପୋଷଣ କରିଥିଲେ। ଜଳ ସଂରକ୍ଷଣ ଉପରେ ସେମାନେ ଶପଥ ନେଇଥିଲେ। ଏହି ଅବସରରେ ଚାରାରୋପଣ, ଗାଁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶ କର୍ମୀ ମନୋଜ ମିଶ୍ର, ଚକ୍ର ଦାସ, ରୋହିତ ଭୁଏ, ମିଳନ ପୁଞ୍ଜି , ଅର୍ଜୁନ ବିନ୍ଧାଣି, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପରିବେଶ ଦିବସରେ ଚାରା ବଣ୍ଟନ

ଲାଠୋର,୫।୬(ଡି ଏନ ଏ )

ବଲାଙ୍ଗୀର ଜିଲ୍ଲା ଲାଠୋର ବନ କାର୍ଯ୍ୟାଳୟରେ ରେଞ୍ଜର ପ୍ରଭାତୀ ସେଠଙ୍କ ଅଧକ୍ଷତାରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଞ୍ଚଳରେ କାମ କରୁଥିବା ୧୪ ବନ ସୁରକ୍ଷା ସମିତି ସଭାପତି ଏବଂ ଏନିମିଟର ଯୋଗ ଦେଇଥିଲେ। ଜଙ୍ଗଲକୁ କେମିତି ସୁରକ୍ଷା ଦିଆଯିବ ଏବଂ ପରିବେଶକୁ ସୁରକ୍ଷିତ ରଖାଯାଇ ପାରିବ ତାହା ଉପରେ ସଚେତନତା ବାର୍ତ୍ତା ଦେଇଥିଲେ । ପରେ ଉପସ୍ଥିତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୋଟିଏ ଲେଖାଏ ଚାରା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା ବନପାଳ ସାଗରିକା ସେଠ, ଧନ୍ୟବାଦ ଅର୍ପଣ କରିଥିଲେ ବନପାଳ ସମୀର ରଞ୍ଜନ ମହାପାତ୍ର ।

## ଡୁମେରପାଣି ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



ପ୍ରଧାନ ଶିକ୍ଷକ ମାନପତ୍ର ଗ୍ରହଣ କରୁଛନ୍ତି।

ନୂଆପଡ଼ା ଅଫିସ,୫।୬

ଓଡିଶା ସରକାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସରେ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନକୁ ପ୍ରକୃତି ମିତ୍ର ଓ ବ୍ୟକ୍ତି ବିଶେଷଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରି ଆସୁଛି। ଚଳିତବର୍ଷ ନୂଆପଡା ସଦର ବ୍ଲକ ଡୁମେରପାଣି ଉନ୍ନିତ ଉଚ୍ଚ ବିଦ୍ୟାଳୟ ଏହି ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ ହୋଇଛି। ରାଜଧାନୀ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ଉତ୍ସବରେ ଡୁମେରପାଣି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କସ୍ତୁଭ ସା ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବାବଦକୁ ୨୦ ହଜାର ପ୍ରୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ପ୍ରମୁଖ ବିଦ୍ୟାଳୟ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ଜିଲାର ଅନ୍ୟ ବିଦ୍ୟାଳୟ ପାଇଁ ପ୍ରେରଣାର ଉତ୍ସ ହେବ।

## ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ

କର୍ଲାମୁଣ୍ଡା,୫।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ଷୋସାଇଟି ପକ୍ଷରୁ ବ୍ଲକର ଟେର୍ଚାପଲା ଓ ବିଜାପାଟିଠାରେ ପୃଥକ ସଭା କରି ପରିବେଶ ଉପରେ ଆଲୋଚନା କରାଯାଇଥିଲା। ଜଙ୍ଗଲରେ ଅନେକଗୁଡିଏ ଗଛ ଲୋପ ପାଇବାକୁ ବସିଥିବାରୁ ସେହି ସବୁ ଗଛଗୁଡିକୁ ବଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଉପସ୍ଥିତ ଚାଷୀମାନେ ମତ ପ୍ରକାଶ କରିଥିଲେ। ଏନେଇ ଗାଁ କମିଟି କର୍ମକର୍ତ୍ତା ଓ ଚାଷୀମାନଙ୍କ ଉଦ୍ୟମରେ କଦମ୍ବ, ନିମ୍ବ, ବର, ପିଜୁଳି, ମହୁଲ, ଚାହଁର, ତେନ୍ତୁଳି, କେନ୍ଦୁ, ପଣସ, ଆତ, ବେଲ ପ୍ରଭୃତି ମଞ୍ଜି ଖାଲି ସ୍ଥାନରେ ରୋପଣ କରିଥିଲେ। ଏଥିରେ ଭିଡିସି ସମ୍ପାଦକ ନନ୍ଦି କିଶୋର ମାଝି, ଆକାଶୀ ମାଝି, ପୂର୍ବତନ ନାଏବ ସରପଞ୍ଚ ଗୌରୀ ଦୀପ, ସାମନ୍ତ ଦୀପ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହଜାରିପଡାଠାରେ ଆୟୋଜିତ ପରିବେଶ ଦିବସରେ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ।




ଚାରା ରୋପଣ କରାଯାଉଛି।

## ବିଶ୍ୱ ପରିବେଶ ଦିବସ ପାଳିତ

ଲୋଇସିଂହା,୫।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା କୋର୍ଟ ପରିସରରେ ବିଶ୍ୱ ପରିବେଶ ଦିବସ ରବିବାର ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଜାଳି ମହାନ୍ତି ସଭାରେ ଅଧ୍ୟକ୍ଷତା କରିଥିଲେ। ସରକାରୀ ଓକିଲ ପ୍ରତିରଞ୍ଜନ ସାହୁ, ଲୋଇସିଂହା ରେଞ୍ଜର ପାଉଲ ହରପାଲ, ଫରେଷ୍ଟର ଠଣସୁନ୍ଦର ଧରୁଆ, ବିଦ୍ୟାଧର ବେହେରା, କୋର୍ଟ ପେସ୍କାର ପ୍ରଶାନ୍ତ କୁମାର ନାଗ, ବିବୁଲ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷା ମହାନ୍ତି ତାଙ୍କ ବକ୍ତବ୍ୟରେ ପରିବେଶ ସୁରକ୍ଷା ଜୀବ ଜଗତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସଭା ପରେ କୋର୍ଟ ପରିସରରେ ଚାରା ରୋଣ କରାଯାଇଥିଲା। ବିବୁଲ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ପରିବେଶ ଦିବସରେ ସଚେତନତା ଶୋଭାଯାତ୍ରା



ଲାଞ୍ଜିଗଡ଼ ବ୍ଲକ ଖଜୁରୀପଦରଠାରେ ବିଶ୍ୱ ପରିବେଶ ଦିବସରେ ଆୟୋଜିତ ସଭା।

ଲାଞ୍ଜିଗଡ଼/କେସିଙ୍ଗା, ୫।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ ସିଏସଆର୍ ବିଭାଗ ଓ ବେଦାନ୍ତ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଖଜୁରୀପଦରଠାରେ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବେଦାନ୍ତ ସିଏସଆର୍ ବିଭାଗ ଦିଲୀପ ପ୍ରଜାପତି, ଶ୍ରୀମୁଖ ଅଗସ୍ତି, ସ୍ମୃତି ଶୁକ୍ଲା, ବାସୁଦେବ ମାଝି, ବେଦାନ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ସାହୁ, ବେଦାନ୍ତ ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ଅମର କୁମାର ମହାନ୍ତି, ଡା. ପ୍ରଶାନ୍ତ ପରମାଣିକ, ଛତ୍ରପୁର ସରପଞ୍ଚ ସୁଷମା ମାଝି, ମାଧବ ମାଝି, ଖଜୁରୀପଦର ୱାର୍ଡସଭ୍ୟ ଡ୍ରିକୁ ମାଝି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗାଁର ଖୋଲା ସ୍ଥାନଗୁଡିକରେ ଚାରାରୋପଣ କରାଯାଇଥିଲା। ଏଥିରେ ଖଜୁରୀପଦର ସମେତ ଆଖପାଖ ଗାଁର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ସେହିପରି କେସିଙ୍ଗା ବ୍ଲକ ଅଧୀନ ବାଲସିଙ୍ଘିତ ଜବାହାର ଉଚ୍ଚବିଦ୍ୟାପୀଠରେ ପ୍ରଧାନଶିକ୍ଷକ ଅଭୟ କୁମାର ଦେବତାଙ୍କ ଅଧକ୍ଷ୍ୟତାରେ ବିଶ୍ୱ ପରିବେଶ ଦିବସ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଖେଳ ଶିକ୍ଷକ କୈବଲ୍ୟ ସାହୁ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଶ ଉପରେ ଏକ ଶୋଭଯାତ୍ରା ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନତା କରାଇଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଥିଲା।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୬ ଜୁନ୍, ୨୦୨୨

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

ସୁନ୍ଦରଗଡ଼,(ଡି.ଏନ.ଏ.): ସୁନ୍ଦରଗଡ଼ର ଜଣାଶୁଣା ଆଇନଜୀବୀ, ଜିଲା ଓକିଲ ସଂଘର ପୂର୍ବତନ ସଭାପତି ତଥା ରୋଟାରୀ କ୍ଲବର ପୂର୍ବତନ ସଭାପତି ଦୁଷ୍ମନ୍ତ କୁମାର ନାଏକ(୬୫)ଙ୍କ ରବିବାର ସକାଳେ ପରଲୋକ ଘଟିଛି। ସେ କିଛି ମାସ ହେବ ଅସୁସ୍ଥ ଥିଲେ। ପରଲୋକ ଖବରପାଇ ଆଇନଜୀବୀ, କଂଗ୍ରେସ କର୍ମକର୍ତ୍ତା, ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ପୈତୃକ ଗ୍ରାମ ସବଡେଗାକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ବେଣୁମାଧବ ତ୍ରିପାଠୀଙ୍କ ସଭାପତିତ୍ୱରେ ଶୋକସଭା ହୋଇଥିଲା। ଓକିଲ ସଂଘର ସଭାପତି କମଳ ସେନ, କଂଗ୍ରେସ ଉପସଭାପତି ଅଜିତ ପ୍ରସାଦ ଯାଗ ଦେଇଥିଲେ।



## ସଂକ୍ଷେପରେ

### ଶିକ୍ଷକଙ୍କ ପରଲୋକରେ ଶୋକ

ବଡ଼ଗାଁ, ୫।୬ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଟିମନା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ଅଢା(୫୫)ଙ୍କ ମୃତ୍ୟୁରେ ଶୋକ ପ୍ରକାଶ ପାଇଛି। ଶଙ୍କରାପୋଷ ଗ୍ରାମର ପବିତ୍ର ଅଢା ସ୍କୁଲରୁ ବଡ଼ଗାଁ ଷ୍ଟେଟ ବ୍ୟାଙ୍କକୁ ଶୁକ୍ରବାର ୧୧ଟାରେ କୌଣସି କାମରେ ଆସିଥିଲେ। ସେଠାରୁ ସେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାମ ସାରି ଘରକୁ ଫେରିଥିଲେ। ଗାଁରେ ଏକ ଭୋଜିରେ ସାମିଲ ହୋଇଥିଲେ। ରାତିରେ ଝାଳନାଳ ହେବା ସହ ପେଟ ଫୁଲିଯାଇଥିଲା। ତାଙ୍କୁ ପ୍ରଥମେ ବଡ଼ଗାଁ ମେଡିକାଲକୁ ଆଣି ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ମେଡିକାଲ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ବଜ୍ରପାତରେ ୨ଗୋରୁ ମୃତ, ଏକାଧିକ ଆହତ

କୁତ୍ରା, ୫।୬(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ଗିର୍ଜାପଡା ଠାରେ ରବିବାର ସନ୍ଧ୍ୟାରେ ବଜ୍ରପାତ ସହିତ ପ୍ରବଳ ବର୍ଷା ହୋଇଥିଲା। ଏଥିରେ ୨ଟି ଗୋରୁ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ଗୋରୁ ଆହତ ହୋଇଥିବା ଜଣାପଡିଛି। ସନ୍ଧ୍ୟା ସମୟରେ ହଠାତ ପବନ ସାଙ୍ଗକୁ ଘଡଘଡି ସହ ବର୍ଷା ହୋଇଥିଲା। ତେବେ ଗିର୍ଜାପଡାର ସାମୁଏଲ ହେମରମଙ୍କ ଘର ସମ୍ମୁଖରେ ଏକତ୍ରିତ ହୋଇ ପାଖାପାଖି ୫୦ଟି ଗୋରୁ ଶୋଇଥିବାବେଳେ ହଠାତ ବଜ୍ରପାତ ହୋଇଥିଲା। ୨ଟି ଗୋରୁର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏକାଧିକ ଗୋରୁ ଆହତ ହୋଇଛନ୍ତି। ମୃତ ଗୋରୁ ଗୋଟିଏ ହେଉଛି ଗ୍ରାମର ପ୍ରମୋଦ ମିଲିଆର ଓ ଅନ୍ୟଟି ଶିଶିର ତିଡୁଙ୍କର ବୋଲି ଜଣାପଡିଛି। ବଜ୍ରପାତ ଯୋଗୁ ଭୟରେ ଅନ୍ୟ ଗୋରୁମାନେ ଏପଟ ସେପଟ ଛିନଛତ୍ର ହୋଇଯାଇଥିବା ଦେଖିବାକୁ ମିଳିଛି।

### ବଡ଼ଗାଁ ବସଷ୍ଟାଣ୍ଡରେ ଦୁର୍ଘଟଣା: ଜଣେ ମୃତ

ବଡ଼ଗାଁ, ୫।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବସଷ୍ଟାଣ୍ଡଠାରେ ଶନିବାର ରାତି ପ୍ରାୟ ସାଢେ ୧୧ଟାବେଳେ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ବଡ଼ଗାଁ ଥାନା ବରଙ୍ଗାକଛାର ନିକଟ କୁଲଗା ଗ୍ରାମର ଚନ୍ଦ୍ରମଣି ବାଗ ଓ ବିବେକାନନ୍ଦ ଖଣ୍ଡା ବାଇକ୍‌ରେ ସୁନ୍ଦରଗଡ଼ ପଟକୁ ଯାଉଥିଲେ। ବଡ଼ଗାଁ ଗୋଲେଇ ଛକରେ ନିୟନ୍ତ୍ରଣ ହରାଇ ଫୁଟପାଥରେ ପିଟି ହୋଇଥିଲେ। ଫଳରେ ଚନ୍ଦ୍ରମଣିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

# ୩ବର୍ଷ ହେଲା ଅଙ୍ଗନୱାଡ଼ି କେନ୍ଦ୍ର ପରିତ୍ୟକ୍ତ

## ଭଙ୍ଗା ଗ୍ୟାରେଜରେ ଜରିଟାଣି ପିଲାଙ୍କୁ ପଢ଼ାଉଛନ୍ତି ଶିକ୍ଷୟିତ୍ରୀ

ବଡ଼ଗାଁ, ୫।୬(ଡି.ଏନ୍.ଏ.)

ରାଜ୍ୟ ସରକାର ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକୁ ନୂତନ ରୂପ ଦେବା ପାଇଁ ଅର୍ଥ ଅନୁମୋଦନ କରୁଥିବା କୁହାଯାଉଛି। ହେଲେ ପ୍ରାଥମିକତା ଭିତ୍ତିରେ ଦୁର୍ବଳ ଅବସ୍ଥାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଚିହ୍ନଟ କରାଯାଉ ନାହିଁ। ଏହାର ପରିଣାମ କୋମଳମତି ଶିଶୁଙ୍କୁ ଭୋଗିବାକୁ ପଡୁଛି। ଏଭଳି ଅବସ୍ଥା ଦେଖାଯାଇଛି ସୁନ୍ଦରଗଡ଼ ଜିଲା ବଡ଼ଗାଁର ଚକନାମୁଣ୍ଡା ପଡ଼ାରେ। ଏହି ପଡ଼ାର ରମ୍ଭା ପ୍ରଧାନ, ସୁକାନ୍ତି ସା, ମୌସୁମୀ ତେଲି, ସବିତା ସା, ବାସନ୍ତୀ ସା, ୱାର୍ଡ ମେମ୍ବର ରାଜ କୁମାର ଡନସନା,ସୁକାନ୍ତି ସାଙ୍କ ଠାରୁ ପ୍ରକାଶ ତିନି ବର୍ଷ ପୂର୍ବେ ଅଙ୍ଗନୱାଡ଼ି କେନ୍ଦ୍ରର ଛାତ ଭାଙ୍ଗିଯାଇଥିଲା। ଏହା ପରେ ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ଥିବା ଏକ ଆମ୍ବ ଗଛତଳେ ତିନି ମାସ ପିଲାଙ୍କୁ ପଢାଇଲା ପରେ ଗତ ୨ବର୍ଷ ପର୍ଯ୍ୟନ୍ତ ଅଙ୍ଗନୱାଡ଼ି ଶିକ୍ଷୟିତ୍ରୀ ଗୌରୀ ନାଏକ ତାଙ୍କ ଘରେ ପଢ଼ାଉଥିଲେ। କିନ୍ତୁ କିଛିମାସ ହେଲା ଘରେ ସ୍ଥାନ ଅଭାବ ହେବାରୁ ପଡାର ବୈକୁଣ୍ଠ ବେହେରାଙ୍କ ଭଙ୍ଗା ଗ୍ୟାରେଜରେ ଜରି ଟାଣି ପିଲାଙ୍କୁ ପଢ଼ାଉଛନ୍ତି। ପିଲାମାନେ ଭୀଷଣ ଗରମରେ କଲବଲ ହେବା ଦେଖି ମୂର୍ତ୍ତିକାର ବୈକୁଣ୍ଠ ବେହେରା ଏକ ଟେବୁଲ ପଙ୍ଖା ଦେଇଛନ୍ତି। ତେବେ


ଭଙ୍ଗା ଗ୍ୟାରେଜରେ ପିଲାଙ୍କୁ ପଢ଼ାଯାଉଛି।

ତିନି ବର୍ଷ ହେଲା ଅଙ୍ଗନୱାଡ଼ି କେନ୍ଦ୍ର ପରିତ୍ୟକ୍ତ ଅବସ୍ଥାରେ ଥିବା ଓ ପିଲାମାନେ ପଢ଼ିବା ପାଇଁ ଘୋର ହଇରାଣ ହେଉଥିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଏଥିପ୍ରତି ଦୃଷ୍ଟି ନାହିଁ। ଏସମ୍ପର୍କରେ ବଡ଼ଗାଁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁତପା ଚୌଧୁରୀଙ୍କୁ ପଚାରିବାରୁ ସେ ପ୍ରତିମାସରେ ଅଙ୍ଗନୱାଡ଼ି କେନ୍ଦ୍ର ଖରାପ ଅବସ୍ଥାରେ ଥିବା ରିପୋର୍ଟ ଦେଉଛୁ କହିଥିଲେ। ବିଡିଓ କ୍ଷମାନିଧି ଭୋଇ ସିଡ଼ିପିଓଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିବେ କହିଛନ୍ତି। ଗ୍ରାମବାସୀ ଏହି ସମସ୍ୟା ସମ୍ପର୍କରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କୁ ଜଣାଇବାରୁ ସେ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଦେଖିବା ପରେ ସିଡ଼ିପିଓ ଏବଂ ବିଡ଼ିଓଙ୍କ ସହିତ ଆଲୋଚନା କରି ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ କହିଛନ୍ତି।

# ଶିବପାର୍ବତୀଙ୍କ ବିବାହ ସମ୍ପନ୍ନ

## ସୁନ୍ଦରଗଡ଼ରେ ଶୀତଳଷଷ୍ଠୀ

ସୁନ୍ଦରଗଡ଼,୫।୬(ଡି.ଏନ.ଏ.)

ସୁନ୍ଦରଗଡ଼ରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଆଡମ୍ବରରେ ଅନୁଷ୍ଠିତ ହୋଇଛି। କରୋନା ମହାମାରୀ ପାଇଁ ଗତ ୨ବର୍ଷ କେବଳ ବିଧିମୁତାବକ ପାଳନ ହୋଇଥିବାବେଳେ ଚଳିତବର୍ଷ ହର୍ଷଉଲ୍ଲାସ ମଧ୍ୟରେ ପାଳିତ ହୋଇଛି। ସହରର ମହାନ୍ତିପଡାସ୍ଥିତ ବାବା ସିଦ୍ଧେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା ଚଳିତବର୍ଷ ୬୫ବର୍ଷରେ ପଦାର୍ପଣ କରିଛି। ଶନିବାର ସକାଳେ ପତରପେଣ୍ଡି (ନିର୍ବନ୍ଧ) କାର୍ଯ୍ୟ ସରିବା ପରେ ରାତିରେ ବାବା ଚନ୍ଦ୍ରଶେଖର ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଯାଇ ଭିତ୍ରିଆପଡା ସ୍ଥିତ କନ୍ୟା ପିତାଙ୍କ ବାସଭବନରେ ପହଞ୍ଚି ଥିଲେ। ସେଠାରେ ସମ୍ପୂର୍ଣ୍ଣ ପାରମ୍ପରିକ ଲୋକାଚାର ରୀତିନୀତି ଅନୁଯାୟୀ ବାବା ଚନ୍ଦ୍ରଶେଖର ମାତା ପାର୍ବତୀଙ୍କ ପାଣି ଗ୍ରହଣ କରିଥିଲେ। ମାତା ପାର୍ବତୀଙ୍କ ପିତାମାତା ଭାବେ ଦୀପକ ଅଗ୍ରୱାଲ ଓ ଜ୍ୟୋତି ଅଗ୍ରୱାଲ କନ୍ୟାଦାନ କରିଥିଲେ। ବାବା ସିଦ୍ଧେଶ୍ୱରଙ୍କ ମାତାପିତା ଭାବେ ମହାନ୍ତିପଡାର ଚନ୍ଦ୍ରମଣି ମିଶ୍ର ଓ ତାଙ୍କ ସ୍ତ୍ରୀ ସଙ୍ଗୀତା ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ସୁନାରୀପଡାସ୍ଥିତ ବାବା ଚନ୍ଦ୍ରଶେଖର ଓ ମାତା ପାର୍ବତୀଙ୍କ ବିବାହ ମଧ୍ୟ ପାରମ୍ପରିକ ଲୋକାଚାର ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ବାବା ଚନ୍ଦ୍ରଶେଖର ରାତିରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଯାଇ ମହାନ୍ତିପଡାସ୍ଥିତ କନ୍ୟା ପିତାଙ୍କ ବାସଭବନରେ ପହଞ୍ଚି ମାତା ପାର୍ବତୀଙ୍କ ପାଣିଗ୍ରହଣ କରିଥିଲେ। ରଙ୍ଗାଢିପାର ହରେକୃଷ୍ଣ ମିଶ୍ର ଓ ତାଙ୍କ ସ୍ତ୍ରୀ ସାଧନା ମିଶ୍ର ବରମାତାପିତା ଭାବେ ଏବଂ ମହାନ୍ତି ପଡାର ପ୍ରଦୀପ ନେଗୀ ଓ ତାଙ୍କ ସ୍ତ୍ରୀ ତରଙ୍ଗିଣୀ ନେଗୀ କନ୍ୟା ମାତାପିତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସୋମବାର ଦେବଦମ୍ପତିଙ୍କ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ହେଲେ ଅନ୍ୟ ବର୍ଷ ପରି ଶୀତଳ ଷଷ୍ଠୀ ଶୋଭାଯାତ୍ରାରେ ବାହାର ଜିଲା କିମ୍ବା କଳାକାର ଆସୁ ନ ଥିବା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ କୁହାଯାଇଛି।


ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଲାଗି ପ୍ରସ୍ତୁତି।

# କୁତ୍ରା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ



ବିଶ୍ୱ ପରିବେଶ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୁତ୍ରା, ୫।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ସବୁଜ ବାହିନୀ, ଭାରତ ସ୍କାଉଟ୍ସ ଗାଇଡ୍ସ ଓ ଜୁନିୟର ରେଡକ୍ରସ ଶାଖା ପକ୍ଷରୁ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଜୁନିୟର ରେଡକ୍ରସ ତଥା ସବୁଜ ବାହିନୀ ରାଜ୍ୟ ପ୍ରଶିକ୍ଷକ ବିଭୀଷଣ ବାରିକ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ର ପରିବେଶ ସୁରକ୍ଷା ସମ୍ପର୍କୀତ ପ୍ଲାକାର୍ଡ ଧରି କୁତ୍ରା ଗ୍ରାମପଞ୍ଚାୟତ ପରିକ୍ରମା କରିବା ସହ ସଚେତନତା ନାରାବାଜି କରିଥିଲେ। ପରେ ସ୍କାଉଟ୍ସ ଗାଇଡ୍ସ, ଜୁନିୟର ରେଡକ୍ରସ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଗଛ ରୋପଣ କରାଯାଇଥିଲା। ପରେ ବିଦ୍ୟାଳୟରେ ଅଭିଭାବକଙ୍କ ସମେତ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ ବିଶ୍ୱ ପରିବେଶ ଦିବସ ସମାରୋହ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରକୃତି ବନ୍ଧୁ ବିଭୀଷଣ ବାରିକ ଯୋଗଦେଇ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଗାଇଡ କ୍ୟାପଟେନ ଦୀପିକା କେରକେଟା ପରିଚାଳନା କରିଥିବା ବେଳେ ଜୁନିୟର ରେଡକ୍ରସ ପରାମର୍ଶଦାତ୍ରୀ ଯସ୍ମିନ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍କାଉଟ ମାଷ୍ଟର ଧୃତିସୁନ୍ଦର ସାହୁ, ଗାଇଡ କ୍ୟାପଟେନ ନୂତନ ହରୋ, ଜୁନିୟର ରେଡକ୍ରସ କାଉନସିଲର ସୁନିତା ପଟେଲ, ସଙ୍ଗୀତ ଦେଇ, ଦିଲ୍ଲୀପ ବେହେରା, ଜାନକୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ

ଦେବଗଡ଼, ୫।୬(ଡି.ଏନ୍.ଏ.)

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଏସ୍‌ପି ରାଜକିଶୋର ପାଇକରାୟ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମତପ୍ରକାଶ କରିଥିଲେ। ଗ୍ଲୋବାଲ ୱାର୍ମିଂ ଏବଂ ଏହାର ଭୟାବହତା, ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପରେ ବନବିଭାଗ ନର୍ସରୀ ପରିସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର, ଭିଏସ୍‌ଏସ୍ ମେମ୍ବରମାନେ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ।

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ବାର୍ଷିକ ସମୀକ୍ଷା ବୈଠକ

ଝାରସୁଗୁଡା ଅଫିସ, ୫।୬

ଝାରସୁଗୁଡ଼ା ବନଖଣ୍ଡସ୍ତରୀୟ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ବାର୍ଷିକ ୨୦୨୧-୨୨ର ସମୀକ୍ଷା ବୈଠକ ଝାରସୁଗୁଡ଼ା ସହର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ସମ୍ବଲପୁର ଆଞ୍ଚଳିକ ବନସଂରକ୍ଷକ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ନିଜ ନିଜ ବିଭାଗର ଯୋଜନା ବିଷୟରେ ଅବଗତ କରାଇଥିଲେ। ଅତିଥିମାନଙ୍କ ଦ୍ୱାରା ବାର୍ଷିକ ବିବରଣୀ ଉନ୍ମୋଚିତ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ହୋଇଥିବା ବନ ସୁରକ୍ଷା ସମିତି ବନ ସହାୟକ/ସହାୟିକା, କାର୍ଯ୍ୟକର୍ତ୍ତାଙ୍କୁ ମଞ୍ଚରେ ଅତିଥିମାନେ ପୁରସ୍କୃତ କରିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା। ଏସିଏଫ ସୁସ୍ମିତା ସାହୁ ସଭାକୁ ସଞ୍ଚାଳନ, ଏସଏମଏସ ସୁଶୀଳ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରାଘବ ରଞ୍ଜନ ଦାସ, ନାରାୟଣ ସ୍ୱାଇଁଙ୍କ ସହ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସମ୍ମିଳନୀ



ଓଷ୍ଟାର ଜିଲା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

କୁତ୍ରା, ୫।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ଜିଲା ସଭାପତି ବିଭୀଷଣ ବାରିକଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଜିଲା ସମ୍ପାଦକ ସନ୍ତୋଷ ନାଏକ ସମ୍ମିଳନୀର ମୁଖ୍ୟ ପ୍ରସ୍ତାବକୁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅବଗତି ନିମନ୍ତେ କହିଥିଲେ। ରାଜ୍ୟ ଓଷ୍ଟାର ଡାକରାରେ ଆସନ୍ତା ୯ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ଆନ୍ଦୋଳନ ଉପରେ ବର୍ଣ୍ଣନା କରିଥିଲେ। ଏହା ସଫଳ କରିବା ପାଇଁ ସୁନ୍ଦରଗଡ଼ ଜିଲା ଓଷ୍ଟାର ପୂର୍ବତନ ସମ୍ପାଦକ ଲାଲମୋହନ ନାଏକ ମତ ରଖିଥିଲେ। ଓଷ୍ଟାର ପୂର୍ବତନ ରାଜ୍ୟ ଉପସଭାପତି ବ୍ରଜେନ୍ଦ୍ର ଦାସ, ପୂର୍ବତନ କାର୍ଯ୍ୟକାରିଣୀ ସଦସ୍ୟ ରମାକାନ୍ତ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସ୍ୱରାଜ ରାଉତରାଏ, କୃଷ୍ଣଚନ୍ଦ୍ର ମହାରଣା ଏବଂ ଜିଲା ଉପସଭାପତି ନିତ୍ୟାନନ୍ଦ ବେହେରା, ଜିଲା ସହ ସମ୍ପାଦକ ହେମନ୍ତ ଦେ ଆନ୍ଦୋଳନକୁ ସଫଳ କରିବା ପାଇଁ ମତ ଦେଇଥିଲେ। ଏଥିରେ ଜିଲାର ୧୭ ବ୍ଲକର ସଭାପତି, ସମ୍ପାଦକ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଉକ୍ତ ସମ୍ମିଳନୀକୁ କୁତ୍ରା ଓଷ୍ଟାର ସମ୍ପାଦକ ମହେନ୍ଦ୍ର ସିଂ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ହେମନ୍ତ ଦେ ଧନ୍ୟବାଦ ଅର୍ପଣ କରିଥିଲେ।

# ମଦମୁକ୍ତି ଯୁବବାହିନୀ ପକ୍ଷରୁ ସଚେତନତା ଶୋଭାଯାତ୍ରା

## ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦ ମୁକ୍ତ କରିବା ଲକ୍ଷ୍ୟ

ସୁନ୍ଦରଗଡ଼,୫।୬(ଡି.ଏନ୍.ଏ.)

ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ଲକ୍ଷ୍ୟରେ ରବିବାର ଓଡ଼ିଶା ମଦମୁକ୍ତି ଯୁବ ବାହିନୀ ପକ୍ଷରୁ ସଚେତନତା ଶୋଭାଯାତ୍ରା ହୋଇଥିଲା। ସ୍ଥାନୀୟ ମେଡିକାଲ ଛକରୁ ଡିଆରଡିଏ ଛକ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ମାଧ୍ୟମରେ ମଦମୁକ୍ତି ଯୁବବାହିନୀ ପକ୍ଷରୁ ସଚେତନତାର ବାର୍ତ୍ତା ବଣ୍ଟାଯାଇଛି। ଓଡ଼ିଶାରେ ସରକାରଙ୍କ ମଦ ନୀତି ଯୋଗୁ ପ୍ରତ୍ୟକ ଦିନ ଘଟୁଥିବା ଘଟଣା ଓ ସରକାର, ରାଜନେତାମାନେ କିପରି ଏହି ସମସ୍ୟାକୁ ଅଣଦେଖା କରିଚାଲିଛନ୍ତି ତାହାକୁ ସଙ୍ଗଠନର ସଦସ୍ୟମାନେ ପ୍ଲା-କାର୍ଡ ଓ ଗୀତ ମାଧ୍ୟମରେ ଗାନକରି ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ଜନଜାଗରଣ ସୃଷ୍ଟି କରିଥିଲେ। ମଦମୁକ୍ତି ଯୁବବାହିନୀର ସୁନ୍ଦରଗଡ଼ ଜିଲା ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ମଦ ବିକ୍ରି କରିବା ଏକ ଜନମଙ୍ଗଳକାରୀ ସରକାରଙ୍କ ଲକ୍ଷଣ ନୁହେଁ, କିନ୍ତୁ ଓଡ଼ିଶାର ଜନସାଧାରଣଙ୍କ ଅନିଚ୍ଛା ସତ୍ତ୍ୱେ ସରକାର ଅଧିକରୁ ଅଧିକ ମଦ ଦୋକାନକୁ ସ୍ୱୀକୃତି ପ୍ରଦାନ କରୁଛନ୍ତି। ତେଣୁ ଆଜିର ଯୁବଗୋଷ୍ଠୀ ସ୍ୱର ଉତ୍ତୋଳନ କରିବାକୁ ମଦମୁକ୍ତି ଯୁବବାହିନୀର ସୁନ୍ଦରଗଡ ଜିଲା ସହସଂଯୋଜକ ବଳରାମ ନାଏକ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଯୁବକମାନଙ୍କୁ ସମାଜ କଲ୍ୟାଣର ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଯୋଡିବା ନିମିତ୍ତ ମଦମୁକ୍ତି ଯୁବବାହିନୀ ଓଡ଼ିଶାର ବିଭିନ୍ନ ବ୍ଲକରେ ପ୍ରଭାତ ଫେରି, ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ କରିଥାଏ ବୋଲି ମଦମୁକ୍ତି ଯୁବବାହିନୀର ଝାରସୁଗୁଡା ସଂଯୋଜକ ପ୍ରଶାନ୍ତ ରଣା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିତେନ୍ଦ୍ରିୟ ଧୁରୁଆ,ବଳରାମ ନାଏକ, ପ୍ରଶାନ୍ତ ରଣା, ପ୍ରକାଶ ରୋହିଦାସ, ମଧୁସୂଦନ ଭଇଁସା, ଉଜ୍ଜ୍ୱଳ ସେଠୀ, ରାଜେଶ ବେହେରା, ସୁଶାନ୍ତ ପିଙ୍ଗ, ତ୍ରିଲୋଚନ ପ୍ରଧାନ, ଟିଙ୍କୁ ଦନସେନା, ପ୍ରକାଶ ସାକ୍ରିଆ, ଜିତେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶା ମଦମୁକ୍ତି ଯୁବ ବାହିନୀର କର୍ମକର୍ତ୍ତା।

# ନୀଳାଚଳ ଫାଉଣ୍ଡେସନ ଦ୍ୱାରା ବୃକ୍ଷ ରୋପଣ

ରାଜଗାଙ୍ଗପୁର, ୫।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ବିଶିଷ୍ଟ ବୈଜ୍ଞାନିକ ନିଳାଚଳ ସାହୁଙ୍କ ସ୍ମୃତିରେ କରାଯାଇଥିବା ନିଳାଚଳ ଫାଉଣ୍ଡେସନ ଦ୍ୱାରା ରବିବାର ବିଶ୍ୱ ପରିବେଶ ସୁରକ୍ଷା ଦିବସ ଅବସରରେ ବୃକ୍ଷ ରୋପଣ କରାଯାଇଥିଲା। ରାଜଗାଙ୍ଗପୁରର ବାଣ୍ଡୁପଡାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିବେଶକୁ ସୁରକ୍ଷା କରିବା ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଫାଉଣ୍ଡେସନର ବିଭିନ୍ନ ସକ୍ରିୟ ସଭ୍ୟ ତଥା ରାଜଗାଙ୍ଗପୁରର ବହୁ ବ୍ୟକ୍ତି ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ଆଗାମୀ ଦିନରେ ପରିବେଶର ମହତ୍ତ୍ୱ ଓ ଏହାର ସୁରକ୍ଷା ପାଇଁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଉପଦେଶ ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନର ମୁଖ୍ୟ ତଥା ରାଜ୍ୟପାଳ ପୁରସ୍କୃତ ଶିକ୍ଷୟିତ୍ରି ସରୋଜିନୀ ସାହୁ, ଉପେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ ରହିଥିଲେ।


ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଫାଉଣ୍ଡେଶନର କର୍ମକର୍ତ୍ତା।

# ଝରାକଣ୍ଢଲ ଗ୍ରାମରେ ବିଶ୍ୱ ପରିବେଶ ଦିବସ

ଦେବଗଡ଼,୫।୬(ଡି.ଏନ୍.ଏ.)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବକେନ୍ଦ୍ର ଓ ବାରକୋଟ ବ୍ଲକ ଝରାକଣ୍ଢଲ ସ୍ଥିତ ରଧାକୃଷ୍ଣ କ୍ଲବର ମିଳିତ ଆନୁକୂଲ୍ୟରେ ଝରାକଣ୍ଢଲ ଗ୍ରାମରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦେବଗଡସ୍ଥିତ ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସମରେନ୍ଦ୍ର କୁମାର ଜିତ ଓ ସମ୍ମାନିତ ଅତିଥି ଭାବେ ଝରାକଣ୍ଢଲ ସରପଞ୍ଚ ଲକ୍ଷ୍ମଣ କିଷାନ, ପୂର୍ବତନ ସମିତି ସଦସ୍ୟ କୁଞ୍ଜବିହାରୀ ଗଡନାୟକ, କ୍ରୀଡା ଶିକ୍ଷକ ବିଶ୍ୱନାଥ ସାହୁ, କ୍ଲବର ସମ୍ପାଦକ ଝାଡେଶ୍ୱର କିସାନ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସାହୁ ଓ ଭାବଗ୍ରାହୀ ସାହୁ ପ୍ରମୁଖ ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ଜଙ୍ଗଲର ସୁରକ୍ଷା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ କ୍ଲବର ବରିଷ୍ଠ ସଦସ୍ୟ ଜୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ରଣଜିତ ପ୍ରଧାନ ଓ ନର୍ମଦା ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଭିନ୍ନ କିସମର ବୃକ୍ଷଚାରା ରୋପଣ କରାଯାଇଥିଲା।

ବୟନିକା
-୬୬ ବର୍ଷର ଉତ୍କର୍ଷ-
ଦ୍ୱାରା ଆୟୋଜିତ
ଜିଲ୍ଲା ହସ୍ତତନ୍ତ ମେଳା
ସ୍ଥାନ - କଲେକ୍ଟୋରେଟ୍ ପଡ଼ିଆ, ଜଗତସିଂହପୁର
ସ୍ୱତନ୍ତ୍ର ରିହାତି
୧୦%+୨୦%
ତା.୧୬.୦୬.୨୦୨୨ ପର୍ଯ୍ୟନ୍ତ
ସମୟ ପୂର୍ବାହ୍ନ ୧୧.୦୦ ରୁ ରାତ୍ର ୯.୦୦ ପର୍ଯ୍ୟନ୍ତ।
ଆକର୍ଷଣୀୟ ସରକାରୀ ରିହାତି
ବୟନିକା ଷ୍ଟଲରେ ଉପଲବ୍ଧ
ପ୍ରାୟୋଜକ : ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର
ଆୟୋଜକ : ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

# ଶୀତଳ ଷଷ୍ଠୀ ଯାତ୍ରାର ଝଲକ



ରବିବାର ସମ୍ବଲପୁରରେ ମାତା ପାର୍ବତୀ ନବବଧୂ ବେଶରେ ସଜ୍ଜିତ ହୋଇଛନ୍ତି ।



ଶିବ ପାର୍ବତୀଙ୍କ ବିବାହ ମଣ୍ଡପରେ ସମୁଦି ଭେଟ ନୀତି ।



ରବିବାର ସମ୍ବଲପୁର ଶୀତଳଷଷ୍ଠୀରେ କନ୍ୟା ବିଦାୟ ।



ରବିବାର ସମ୍ବଲପୁର ଶିତଳଷଷ୍ଠୀ ଯାତ୍ରାରେ କରମା ନାଚ ।



ଯାତ୍ରାରେ ସାରଙ୍ଗୀ ବାଦ୍ୟ ଓ ନାଚ ।



ଶୀତଳଷଷ୍ଠୀ ଯାତ୍ରାରେ କରମା ଓ ଝାଞ୍ଜ ନୃତ୍ୟ ।



ଶିବପାର୍ବତୀଙ୍କ ବିବାହ ମଣ୍ଡପରେ ଭକ୍ତମାନେ ସେଲଫି ନେଉଛନ୍ତି ।



କନ୍ୟା ବିଦାୟ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି ।



ଶୀତଳଷଷ୍ଠୀ ଯାତ୍ରାରେ ମହିଳାମାନେ କୀର୍ତ୍ତନ କରୁଛନ୍ତି ।

# ଦେବ ଦମ୍ପତିଙ୍କ ନଗର ପରିକ୍ରମା

## ଭବ୍ୟ ଶୋଭାଯାତ୍ରା, ଭକ୍ତଙ୍କ ଦର୍ଶନ

**ସମ୍ବଲପୁର,୫।୬(ବ୍ୟୁରୋ)**

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି । ରବିବାର ବିଳମ୍ବିତ ରାତିରେ ନବ ବିବାହିତ ଦମ୍ପତି ମାତା ପାର୍ବତୀ ଓ ମହାଦେବ ନଗର ପରିକ୍ରମା କରିଛନ୍ତି । ଭବ୍ୟ ଶୋଭାଯାତ୍ରାରେ ପରିକ୍ରମା କରିବା ସହ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ସୁସଜ୍ଜିତ ବିମାନରେ ଆରୁଢ଼ ହୋଇ ଦେବଦମ୍ପତିଙ୍କ ଯୁଗଳ ମୂର୍ତ୍ତି ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଦେବଦମ୍ପତିଙ୍କୁ ଭକ୍ତି ଅର୍ପଣ କରି ଭକ୍ତମାନେ ଆଶୀର୍ବାଦ ଭିକ୍ଷା କରିଛନ୍ତି । ପଞ୍ଚ ଉପଚାର, ୧୦୮ ମହାଆଳତି ହୋଇଥିଲା । ପଣ୍ଡିତମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ମୁଖରିତ ହୋଇଥିଲା ମନ୍ଦିର ପରିସର । ପାରମ୍ପରିକ ଲୋକବାଦ୍ୟ, ଲୋକଗୀତ, ଭକ୍ତିଗୀତରେ ବିଭୋର ହୋଇଥିଲେ ଭକ୍ତ । ରଙ୍ଗୀନ ଆତସବାଜି ମୁକ୍ତାକାଶକୁ ରଙ୍ଗୀନ କରିଥିଲା । ଦେବଦେବ ମହାଦେବ, ବମ୍ ବମ୍ ଭୋଲେ, ହରହର ମହାଦେବଙ୍କ ଜୟଧ୍ୱନି କରି ଭକ୍ତମାନେ ଶିବପାର୍ବତୀଙ୍କୁ ସୁସଜ୍ଜିତ ବିମାନରେ ଆରୁଢ଼ କରିଥିଲେ । ପ୍ରତିବର୍ଷ ଭଳି ଝାଡୁଆପଡା ଆରଣ୍ୟ ଶୀତଳଷଷ୍ଠୀ ଯାତ୍ରା କମିଟିର ଚାନ୍ଦି ମେଢ଼ ମୁଖ୍ୟ ଆକର୍ଷଣ ହୋଇଥିଲା । ଚାନ୍ଦି ମେଢ଼ର ଚମକରେ ଯାତ୍ରାପଥ ଚମକୁଥିଲା । ନନ୍ଦପଡା ଶ୍ରୀଶ୍ରୀ ବମ୍ ବରାଡ ବାଲୁଙ୍କେଶ୍ୱର ବାବା, ବାଲିବନ୍ଧା ସୋମନାଥ ବାବା, ଝାଡୁଆପଡା ଲୋକନାଥ ବାବା, ମୁଦିପଡା ଜାଗେଶ୍ୱର ବାବା, ବୁଢାରଜା ବୁଢାରଜା ମହାଦେବ, ବଡବଜାର ଶୀତଳେଶ୍ୱର ବାବା, ଠାକୁରପଡା ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଗୁଡେଶ୍ୱର ବାବା ଓ ଜଗତ ଜନନୀ ମାତା ପାର୍ବତୀଙ୍କ ଠାରେ ମହାଆଳତି ହୋଇଥିଲା । ଏହାପରେ ନଗର ପରିକ୍ରମା ନୀତି ହୋଇଥିଲା । ଯାତ୍ରାପଥରେ ମହିଳାମାନେ ଘର ସମ୍ମୁଖରେ ପୂର୍ଣ୍ଣକଳସ ସହ ଦୀପ ଜାଳି ଦେବ ଦମ୍ପତିଙ୍କୁ ବନ୍ଦାଣ କରିଥିଲେ । ଲୋକକଥା ଅନୁସାରେ ଶିବପାର୍ବତୀଙ୍କ ଅପୂର୍ବ ଯୁଗଳବେଶ ଦର୍ଶନ କଲେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୁଏ । କିନ୍ନରମାନେ ଅଭିଶପ୍ତ ଜୀବନରୁ ମୁକ୍ତି ପାଇଥାନ୍ତି । ଦେବଦମ୍ପତିଙ୍କ ନଗର ପରିକ୍ରମା ସମୟରେ ଦେବଗଣ ଆକାଶ ମାର୍ଗରୁ ବର୍ଷା ରୂପି ପୁଷ୍ପବୃଷ୍ଟି କରିଥାନ୍ତି । ଏଥିରେ ଉତ୍ତପ୍ତ ଧରାପୃଷ୍ଠ ଶୀତଳ ହୁଏ । ଏହି ଆଧ୍ୟାତ୍ମିକ ବିଶ୍ୱାସକୁ ହୃଦବୋଧ କରି ରାଜ୍ୟ ଓ ରାଜ୍ୟ ବାହାରର ଶତାଧିକ କିନ୍ନର ଶିବ ପାର୍ବତୀଙ୍କ ବିମାନ ସମ୍ମୁଖରେ ନୃତ୍ୟ କରିଥାନ୍ତି । କନ୍ୟା ଘରେ ବିବାହ ମଣ୍ଡପଗୁଡ଼ିକରେ ଭକ୍ତମାନେ ଦେବଦମ୍ପତିଙ୍କୁ ପୂଜାର୍ଚ୍ଚନା କରି ଦର୍ଶନ କରିଥିଲେ । ଗୋଧୂଳି ଲଗ୍ନରେ କନ୍ୟା ବିଦାୟ କରାଯାଇଥିଲା । ସମ୍ବଲପୁର ଶୀତଳଷଷ୍ଠୀ ମିଳିତ ସମନ୍ୱୟ କମିଟି, ବଡ଼ବଜାର, ଠାକୁରପଡା, ଦୁର୍ଗାପାଲି, ବୁଢ଼ାରଜା କମିଟି ପକ୍ଷରୁ ଶୋଭାଯାତ୍ରାରେ ଲୋକନୃତ୍ୟ, ଲୋକବାଦ୍ୟ ଏବଂ ସଂଗୀତ ପରିବେଷଣ ହୋଇଥିଲା ।



ସମ୍ବଲପୁର ଖାଡୁଆପଡା ଲୋକନାଥ ବାବା ଓ ମାତା ପାର୍ବତୀ ସୁସଜ୍ଜିତ ଚାନ୍ଦି ମେଢରେ ଶୋଭା ପାଉଛନ୍ତି ।

# ଧବଳେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ

**କୁଚିଣ୍ଡା,୫।୬(ଡି.ଏନ.ଏ.)**

ବାମରା ବ୍ଲକ କେନ୍ଦୁପାଣିସ୍ଥିତ ପୁରାତନ ଧବଳେଶ୍ୱର ମହାଦେବ ମନ୍ଦିରରେ ପ୍ରଥମ ଥର ପାଇଁ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ୩ ଦିନ ଧରି ଗାଁ ଓ ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଥିଲା । ଶୁକ୍ରବାର ଦିନ ଧବଳେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିଗ୍ରହ ସ୍ଥାପନ ପରେ ବର ପକ୍ଷଙ୍କୁ କନ୍ୟା ମାତାପିତାଙ୍କ ଘରକୁ ଆସିବାକୁ ନିମନ୍ତ୍ରଣ ପ୍ରଦାନ କରାଯାଇଥିଲା । ନୃତ୍ୟଗୀତ, ଦୁଲଦୁଲି ବାଦ୍ୟ,କୀର୍ତ୍ତନ ମଣ୍ଡଳୀ ମାଧ୍ୟମରେ ସଂଧ୍ୟାରେ ଧବଳେଶ୍ୱର ମନ୍ଦିର ପରିସରରେ ସୁସଜ୍ଜିତ ମଣ୍ଡପରେ ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶନିବାର ସନ୍ଧ୍ୟାରେ ମହାଦେବ ବରଯାତ୍ରୀଙ୍କୁ ନେଇ କନ୍ୟା ଘର ଟାଙ୍ଗରପଡ଼ାକୁ ଯାତ୍ରା କରିଥିଲେ । ସେଠାରେ ପହଞ୍ଚିବା ପରେ ଜ୍ୱାଇଁ ବରଣ,ବେଦୀ ସଂସ୍କାର, ବିବାହ ପାଣି ଗ୍ରହଣ ପରେ ରବିବାର ସକାଳେ ବରକନ୍ୟା ବିଦାୟ କାର୍ଯ୍ୟକ୍ରମ ହୋଇଥିଲା । ସେହିଭଳି ସୀମାନ୍ତବର୍ତ୍ତୀ ସୁନ୍ଦରଗଡ଼ ଜିଲା ଲମତିସ୍ଥିତ ଯୋଗେଶ୍ୱର ବାବା ମହାଦେବ ମନ୍ଦିରରେ ଶୀତଳ ଷଷ୍ଠୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଥିଲା । ଲମତି ମହାଦେବ ମନ୍ଦିର କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ପୁରୋହିତ ଥିବା ଜନକରାମ ନାଏକ ମହାଦେବଙ୍କ ପିତା ଏବଂ ବାମରାର ଶିବୁ ଅଗ୍ରୱାଲ ପାର୍ବତୀଙ୍କ ପିତା ହୋଇଥିଲେ । ଦୁଇ ଦିନ ଧରି ପାରମ୍ପରିକ ପୂଜାର୍ଚ୍ଚନା ପରେ ଶନିବାର ରାତିରେ ଲମତି ମନ୍ଦିରରୁ ବରଯାତ୍ରୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବାମରା ପହଞ୍ଚିଥିଲେ । ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇ ବିବାହ ସଂପନ୍ନ ହୋଇଥିଲା । ରବିବାର ଦିନ ଲମତି ମନ୍ଦିର ପ୍ରାଙ୍ଗଣରେ ସାମୁହିକ ଭୋଜିର ଆୟୋଜନ ହୋଇଥିଲା । ଗିରିଧାରୀ ପଟେଲ, ହେମନ୍ତ ପାତ୍ର, ମଣି ଷଣ୍ଢ଼,ମୁନକୁ କାଲୋ,ସୁଶାନ୍ତ ସିଂ ପରିଚାଳନା କରିଥିଲେ । ଏତଦବ୍ୟତୀତ ଅନ୍ୟ ଶିବାଳୟ ବୃବୁଡା ମହାବୀରଧାମ, କେଶାଇବାହାଲ, ଡୁରେଇ, କବରିବାହାଲ, ଗଡ଼ପୋଷ, କୁନ୍ତରାର ଜୁମ୍ମେରମାଲ,ଗୋବିନ୍ଦପୁରର ଜଗନ୍ନାଥ ମନ୍ଦିର, କେଶାଇବାହାଲର ଜଙ୍ଗାଯୋରଛାରେ ମଧ୍ୟ ଶୀତଳ ଷଷ୍ଠୀ ଯାତ୍ରା ପାଳିତ ହୋଇଯାଇଛି ।

# ବର୍ଷକରେ ପ୍ରତ୍ୟେକ ଗାଁରେ ହାଇସ୍ପିଡ୍ ଇଣ୍ଟରନେଟ ବ୍ୟବସ୍ଥା: ଧର୍ମେନ୍ଦ୍ର

**ସମ୍ବଲପୁର,୫।୬(ବ୍ୟୁରୋ)**

ସମ୍ବଲପୁର ଜିଲା ସମେତ ସମଗ୍ର ଓଡ଼ିଶାର ପ୍ରତ୍ୟେକ ଗ୍ରାମରେ ହାଇ ସ୍ପିଡ ଇଣ୍ଟନେଟ ବ୍ୟବସ୍ଥା କରାଯିବ । ଏଥିପାଇଁ କେନ୍ଦ୍ର ସରକାର ବ୍ୟବସ୍ଥା କରିଛନ୍ତି । ସମ୍ବଲପୁର ଜିଲାରେ ୧ ବର୍ଷ ଭିତରେ ଅର୍ଥାତ୍ ଆସନ୍ତା ଶୀତଳଷଷ୍ଠୀ ଯାତ୍ରା ପୂର୍ବରୁ କାମ ଶେଷ ହୋଇଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗରିବ କଲ୍ୟାଣ ଅଭିଯାନକୁ ପ୍ରତ୍ୟେକ ଘରେ ପହଞ୍ଚାଇ ଜନ ଆନ୍ଦୋଳନରେ ପରିଣତ କରାଯିବ । ଚାଷୀ, ମହିଳା, ଯୁବଶକ୍ତି, ଦଳିତ,ନିଷ୍ପେସିତ ଓ ଜନଜାତିଙ୍କୁ ଏକାଠି କରାଯିବ । ରାଜ୍ୟ ସରକାର ଜନସାଧାରଣଙ୍କୁ କରୁଥିବା ଛଳନାର ମୁଖା ଶୀଘ୍ର ଖୋଲିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସମ୍ବଲପୁର ଜିଲା ଯୁଜୁମୁରାଠାରେ ଭାଜପା ପକ୍ଷରୁ ଅନୁଷ୍ଠିତ ଏକ ବିଶାଳ ସମାବେଶରେ କହିଛନ୍ତି । ଯୁବ ନେତା ଜୟନ୍ତ ପ୍ରଧାନଙ୍କ ସଭାପତିତ୍ୱରେ କେନ୍ଦ୍ର ସରକାରର ୮ ବର୍ଷ ପୂର୍ତ୍ତି ଅବସରରେ ଏହି ସମାବେଶ ହୋଇଥିଲା । ଏଥିରେ ମନ୍ତ୍ରୀ ପ୍ରଧାନ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ୮ ବର୍ଷ ହେଲା ଲୋକଙ୍କ ସେବା କରୁଛନ୍ତି । ଆବାସ ଯୋଜନା, ସ୍ୱଚ୍ଛ ଭାରତ ଯୋଜନା, ଉଜ୍ଜ୍ୱଳା ଯୋଜନା, ଜଳ ଜୀବନ ମିଶନରେ ଘରକୁ ପାଇପରେ ପାନୀୟ ଜଳର ସୁବିଧା, ଜାତୀୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଟଙ୍କିକିଆ ଚାଉଳ ଦେବା, କୋଭିଡ୍ ସମୟରୁ ଏପର୍ଯ୍ୟନ୍ତ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ଦେବା କାର୍ଯ୍ୟକ୍ରମ କରାଯାଇଛି । ହେଲେ ଓଡ଼ିଶାରେ କେନ୍ଦ୍ର ସରକାର ଗରିବ ଲୋକଙ୍କ ପାଇଁ ପଠାଉଥିବା ଟଙ୍କା ବାଟମାରଣା ହେଉଛି । ରାଜ୍ୟ ସରକାର ଯୁଜୁମୁରାର ଯୁବତୀଯୁବକଙ୍କୁ କାମ ଦେଇ ପାରୁନାହାନ୍ତି । ରୋଜଗାର ପାଇଁ ଭିଟାମାଟି ଛାଡିବାକୁ ପଡୁଛି । ଯୁଜୁମୁରା ଅଞ୍ଚଳର ୟୁଟ୍ୟୁବର ଇସାକ୍ ମୁଣ୍ଡା ଟେକ୍ନୋଲୋଜିକୁ ଉପଯୋଗ କରି ନିଜ ଜୀବନକୁ ପରିବର୍ତ୍ତନ କରିପାରିଛନ୍ତି । ଏହା ନୂଆ ଭାରତ, ନୂଆ ଓଡ଼ିଶା ତଥା ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆର ପ୍ରତିଫଳନ । ତେଣୁ କେନ୍ଦ୍ର ସରକାର ସମସ୍ତ ଗ୍ରାମରେ ହାଇସ୍ପିଡ୍ ଇଣ୍ଟରନେଟ ବ୍ୟବସ୍ଥା କରିବାକୁ କାମ ଆରମ୍ଭ କରି ଦେଇଛନ୍ତି । ସେହିପରି ଡଙ୍ଗାପାଲ ଗ୍ରାମର ଉତ୍ସବ ପରିବାର ଅନୁଷ୍ଠାନ ପକ୍ଷରୁ କୋଭିଡ୍ ସମୟରେ ଅଞ୍ଚଳରେ ଚାନ୍ଦା ଆଦାୟ କରାଯାଇ ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ ଆର୍ଥିକ ସହାୟତା କରାଯିବା ଏକ ଅନନ୍ୟ ଉଦାହରଣ ବୋଲି ସେ କହିଥିଲେ । ରେଢାଖୋଲ ଯୁଜୁମୁରାର ମାଟି ମହିମା ଧର୍ମର ମହାନ ସନ୍ଥ କବି ଭୀମ ଭୋଇଙ୍କ ମାଟି । ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ମାଧୋ ସିଂହ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭଳି ମହାପୁରୁଷଙ୍କ ଜନ୍ମସ୍ଥାନ ବୋଲି କହିଥିଲେ । କେନ୍ଦ୍ରମନ୍ତ୍ରୀ ଦିନିକିଆ ଗସ୍ତରେ ଆସି ସମ୍ବଲପୁର ଆଇଆଇଏମ୍‌ର ସ୍ଥାୟୀ କୋଠାର ନିର୍ମାଣ କାମ ବୁଲି ଦେଖିବା ସହ ସମୀକ୍ଷା କରିଥିଲେ । ଏଥିସହ ସୈନିକ ସ୍କୁଲ ପରିଦର୍ଶନ କରି କାର୍ଯ୍ୟ ସମୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଏମ୍‌ପି ନତେଶ ଗଙ୍ଗଦେବ, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ନେତ୍ରୀ ସୁସ୍ମିତା ଦେହୁରୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟ ଓ ଜିଲାସ୍ତରୀୟ ନେତା ଉପସ୍ଥିତ ରହିଥିଲେ । ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସମ୍ବଲପୁରର ଇଷ୍ଟଦେବୀ ମା’ ସମଲେଶ୍ୱରୀଙ୍କ ପୀଠରେ ଦର୍ଶନ କରିବା ସହ ନନ୍ଦପଡା, ଝାଡୁଆପଡା, ମୁଦିପଡା, ବାଲିବନ୍ଧା ଏବଂ ଖେତରାଜପୁରରେ ଆୟୋଜିତ ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହୋଇ ଆଳତି କରିଥିଲେ ।



ସମ୍ବଲପୁର ଯୁଜୁମୁରାରେ ଅନୁଷ୍ଠିତ ବିଶାଳ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ।

## ଯୁଜୁମୁରାରେ ଭାଜପାର ବିଶାଳ ସମାବେଶ

■ସମଲେଶ୍ୱରୀଙ୍କ ଦର୍ଶନ, ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ

## ପାକ୍ସ ପରିଦର୍ଶନ କଲେ ତହସିଲଦାର

ଡୁଙ୍ଗୁରିପାଲି,(ଡ.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ଡୁଙ୍ଗୁରିପାଲି, ସହଲା ପାକ୍ସ ଓ ଦିଗଶିରା ମା ସମଲେଶ୍ୱରୀ ମହିଳା ଗ୍ରୁପକୁରବିବାର ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ସେଠାରେ ଧାନ ବିକ୍ରି କିପରି ଚାଲିଛି ଚାଷୀଙ୍କୁ ପଚାରି ବୁଝିଥିଲେ। ଚାଷୀମାନେ ପାକ୍ସ କୁ ଧାନ ଆଣିବା ଓ ମିଲର୍ସ ଯେପରି ଶୀଘ୍ର ଧାନ ନେବେ ସେ ଉପରେ ଦିଗଶିର ମା ସମଲେଶ୍ୱରୀ ମହିଳା ଗ୍ରୁପ ଓ ଡୁଙ୍ଗୁରିପାଲି, ସହଲା ପାକ୍ସ ସମ୍ପାଦକଙ୍କୁ ପଚାରି ଥିଲେ। ତହସିଲଦାରଙ୍କ ପରିଦର୍ଶନ ବେଳେ ବ୍ଲକ ଯୋଗାଣ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ



ମନ୍ଦିରଚୂଳରେ ଧ୍ୱଜା ବନ୍ଧା ଯାଉଛି।

ବିନିକା,୫।୬(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ହୁଡୁମା ଗାଁର ଆରାଧ ଦେବୀ ସମଲେଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଗାଁ ନିକଟ ଜୀରାନଦୀ ମୁହାଣରେ ନିର୍ମିତ ମନ୍ଦିର ପରିସର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଏକ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଜୁନ୍ ୧ ତାରିଖଠାରୁ ମନ୍ଦିର ପ୍ରତିଷ୍ଠା ପୂଜନୋତ୍ସବ କାର୍ଯ୍ୟ ଆରମ୍ଭ ହୋଇଥିଲା। କଳସ ଯାତ୍ରା, ଅଧିବାସ, ଚଣ୍ଡୀପାଠ, ରୁଦ୍ରଗଣ ପୂଜା, ଶୈବଶାକ୍ତ ପୂଜା ସହିତ ହୋମଯଜ୍ଞ ହୋଇଥିଲା । ରବିବାର ପୂଜାର୍ଚ୍ଚନା ଏବଂ ଯଜ୍ଞାଦି ସମ୍ପୂର୍ଣ୍ଣ ପରେ ମା ସମଲେଇଙ୍କୁ ମନ୍ଦିର ଗୃହରେ ଅଧିଷ୍ଠିତ କରାଯାଇଥିଲା। ଏହାପରେ ଗାଁ ଝାଙ୍କର ମନ୍ଦିର ଚୂଳରେ ଧ୍ୱଜାରୋହଣ ପରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଥିଲା। ପ୍ରତିଷ୍ଠା ଉତ୍ସବରେ କର୍ତ୍ତାକର୍ତ୍ତୀଭାବେ ବାଙ୍କିଘିର୍ଡିର ସୁନୀଲ ସାହୁ ଓ ତାଙ୍କ ପତ୍ନୀ ଦାୟିତ୍ୱ ନିର୍ବାହ କରିଥିଲେ। ପରେ ବିଭିନ୍ନ ଗାଁରୁ ଆସିଥିବା ସହକାର୍ତ୍ତନ୍ୟ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।

### ଶୃଙ୍ଖଳା ପଡିଛି ମେହେର କଟା: ୩ଗାଁ ଲୋକେ ହଟହଟା

ଡୁଙ୍ଗୁରିପାଲ,୫।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଞ୍ଚାୟତରେ ଥିବା ମେହେର କଟା ସମ୍ପୂର୍ଣ୍ଣ ଶୃଙ୍ଖଳା ପଡିଛି। ଫଳରେ ଏହି ପୋଖରୀ ଉପରେ ନିର୍ଭର କରୁଥିବା ପହଣ୍ଡି, ଦିଗଶିରା, ସୁନାପାଲି ଆଦି ଗାଁର ଲୋକେ ସ୍ନାନଶୌଚ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗୋରୁ, ଛେଳି, ମେଣ୍ଢା ଆଦି ପ୍ରାଣୀମାନେ ପାଣି ନ ପାଇ ଆଉଟପାଉଟ ହେଉଛନ୍ତି। ଦୀର୍ଘଦିନ ହେବ ଏହି ପୋଖରୀରେ ପଙ୍କୋଦ୍ଧାର ହୋଇ ନ ଥିବାରୁ ପୋତି ହୋଇ ଜଳଧାରଣା କ୍ଷମତା ହ୍ରାସ ପାଉଛି। ଏ ନେଇ ସୁନାପାଲି ସରପଞ୍ଚଙ୍କ ପ୍ରତିନିଧି ଭଜମନ ସେଠଙ୍କୁ ପଚାରିବାରୁ ପଞ୍ଚାୟତକୁ ଅନୁଦାନ ଆସିଲେ ଏ ବର୍ଷ କାମ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଛି ବୋଲି କହିଥିଲେ।

### ବୁଦ୍ଧ ପ୍ରତିମୂର୍ତ୍ତି ନିକଟରେ ସୌନ୍ଦର୍ଯ୍ୟକରଣ ପାଇଁ ଲଗା ଯାଇଥିବା ବଲବ ଚୋରି

ବୌଦ୍ଧ,୫।୬ (ସ୍ୱ.ପ୍ର.): ବୌଦ୍ଧର ଜନଗହଳିପୂର୍ଣ୍ଣ ବାଘଗୁଡାଛକଠାରେ ସ୍ଥାପିତ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିକଟରେ ସୌନ୍ଦର୍ଯ୍ୟକରଣ ପାଇଁ ବୌଦ୍ଧ ଏନଏସି ପକ୍ଷରୁ ଲଗାଯାଇଥିବା ବିଦ୍ୟୁତ ବଲବଗୁଡିକ ଗତ ଶନିବାର ରାତିରେ ଚୋରି ହୋଇଯାଇଛି। ପୋଲିସ ପକ୍ଷରୁ ବାଘଗୁଡା ଛକଠାରେ ଟ୍ରାଫିକ ସିଗନାଲ ବ୍ୟବସ୍ଥା କରାଯାଇଛି। ଦିନତମାମ ଏଠାରେ ପ୍ରବଳ ଜନ ସମାଗମ ରହୁଥିବା ବେଳେ ରାତିରେ ମଧ ଏହି ରାସ୍ତା ଦେଇ ବାରମ୍ବାର ପୋଲିସ ଓ ବିଭିନ୍ନ ଯାତ୍ରୀବାହୀ ଗାଡି ଯିବା ଆସିବା କରିଥାଏ। କିନ୍ତୁ ଏହି ଛକଠାରେ ଅଳ୍ପଦିନ ତଳେ ସ୍ଥାପିତ ବୁଦ୍ଧମୂର୍ତ୍ତି ଚାରିପଟରୁ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ବଲବଗୁଡିକ ଚୋରି ହେବା ଘଟଣା ସମସ୍ତଙ୍କୁ ବିସ୍ମିତ କରିଛି। ଏନେଇ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି ।

# ସାମୂହିକ ଉଦ୍ୟମ ପ୍ରଦୂଷଣକୁ ରୋକିପାରିବ

## ସୁବର୍ଣ୍ଣପୁରରେ ବିଶ୍ୱ ପରିବେଶ ଦିବସ

ସୋନପୁର,୫।୬(ନି.ପ୍ର.)




ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଅବୋଲି ସୁନିଲ ନରୱଣେ ଯୋଗଦେଇ ଜୀବଜଗତ ବଞ୍ଚିବା ପାଇଁ ପ୍ରଦୂଷଣକୁ ରୋକିବାକୁ ଆହ୍ୱାନ ଦେଇଥିଲେ। ଶିଳ୍ପାୟନ ଓ ଜନସଂଖ୍ୟା ବୃଦ୍ଧି ବାୟୁ ପ୍ରଦୂଷଣ ବୃଦ୍ଧିର ପ୍ରମୁଖ କାରଣ। ତେଣୁ ସାମୂହିକ ଉଦ୍ୟମ ଦ୍ୱାରା ହିଁ ପ୍ରଦୂଷଣକୁ ରୋକା ଯାଇପାରିବ ବୋଲି ଜିଲାପାଳ କହିଥିଲେ। ଏସ୍‌ପି ଅମରେଶ କୁମାର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ଅସମୟରେ ବର୍ଷା, ଅଶାତୀତ ଶୀତ, ପ୍ରଚଣ୍ଡ ଗ୍ରୀଷ୍ମ, ମରୁଡି, ପୁଣି ବାତ୍ୟା ଯୋଗୁଁ ବିଶ୍ୱ ସଙ୍କଟରେ। ଆୟତନ ଅନୁସାରେ ସୁବର୍ଣ୍ଣପୁର ଜିଲାରେ ଜଙ୍ଗଲ କମ ରହିଛି। ପରିବେଶ ସମୟ କ୍ରମେ ନଷ୍ଟ ହେବାରେ ଲାଗିଛି। ତେଣୁ ଆଉ ବିଳମ୍ବ ନ କରି ଭବିଷ୍ୟତ ବଂଶଧରଙ୍କ ବିଷୟରେ ଚିନ୍ତା କରିବା ଉଚିତ ହେବ। ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ଦାମୋଦର କୈବର୍ତ୍ତ ପରିବେଶ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ସମ୍ବନ୍ଧରେ ସଚେତନ କରିଥିଲେ। ସହକାରୀ ଜିଲାପାଳ ଅଭିଳାଶ ପୁରୋହିତ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମସ୍ତଙ୍କ ସହଯୋଗ ରହିଲେ ଜିଲାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରା ଯାଇପାରିବ ବୋଲି କହିଥିଲେ। ଭାରପ୍ରାପ୍ତ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ନିତିଶ କୁମାର ସଭାରେ ଅଧ୍ୟକ୍ଷତା କରି କହିଥିଲେ ଯେ, ବିଭିନ୍ନ କାରଣରୁ ଦେଶରେ ଜୈବବିବିଧତା ହ୍ରାସ ହେବାରେ ଲାଗିଛି। ପରିବେଶ ପ୍ରଦୂଷଣ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ପାଲଟିଛି। ବ୍ୟାପକ ବୃକ୍ଷରୋପଣ, ଜଙ୍ଗଲର ସୁରକ୍ଷା ସହିତ ସମସ୍ତେ ଏକତ୍ର ଉଦ୍ୟମ କଲେ ପରିବେଶ ପ୍ରଦୂଷଣମୁକ୍ତ ରହିପାରିବ ବୋଲି କହିଥିଲେ। ଏହି ଅବସରରେ ପ୍ରକୃତିର ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବିନିକାର ଭଗବାନ ସେଠୀ, ବୀରମହାରାଜପୁରର ସୁଦର୍ଶନ ଭରାସାଗର, ଡୁଙ୍ଗୁରିପାଲିର ବାବଲୁ ସାହୁ, ସୋନପୁରର ଗିରିଶ ଚନ୍ଦ୍ର ମିଶ୍ର, ତରଭାର କୃପାସିନ୍ଧୁ ସା ଓ ଉଲୁଣ୍ଡାର ସତ୍ୟଜିତ ଗାଡୁଆଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରମାଣପତ୍ର ସହିତ ୧୦ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସେହିପରି ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ଚିତ୍ରାଙ୍କନ, ପ୍ରବନ୍ଧ, ସ୍ଲୋଗାନ ଓ କବିତା ଲିଖନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସୋନପୁର ରେଞ୍ଜର ମନୋରଞ୍ଜନ ବାଘ, ବୀରମହାରାଜପୁର ରେଞ୍ଜର ଅବିନାଶ ବରିହା, ଉଲୁଣ୍ଡା ରେଞ୍ଜର ଦିଲ୍ଲିପ ପ୍ରଧାନ ଓ ବିନିକା ରେଞ୍ଜର ଉମ୍ବରୁଧର ପ୍ରଧାନଙ୍କ ସମେତ ଜିଲାର ସମସ୍ତ ଡେପୁଟି ରେଞ୍ଜର, ବନପାଳ ଓ ଇକୋ କ୍ଲବର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରକାଶ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ



ସୁବଳୟାରେ ପରିବେଶ ଦିବସରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଅମରପାଲି, ୫।୬(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜ ସୁବଳୟାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଞ୍ଜ ଅଧିକାରୀ ଅବିନାଶ ବରିହା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ବିଭିନ୍ନ ମନୁଷ୍ୟକୃତ କାରଣରୁ ପରିବେଶ ପ୍ରତି ବିପଦ ବଢୁଛି। ଏଣୁ ଏହାର ପ୍ରତିକାର ଆବଶ୍ୟକ ରହିଛି। ସମସ୍ତେ ସତର୍କ ହୋଇ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ପରିବେଶ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ହାତିଲିମୁଣ୍ଡା ବନପାଳ ଅଜୟ କୁମାର ବାରା, ସୁବଳୟା ବନପାଳ ଦିନବନ୍ଧୁ ଗୌଡ,ଦୁରଦୁରା ବନପାଳ କୃତ୍ତିବାସ ସେଠ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ସଭାପରେ ବନ କର୍ମଚାରୀମାନେ ବ୍ୟାନର, ପ୍ଲାକାର୍ଡ ଧରି ଏକ ସଚେତନତା ଶୋଭାଯାତ୍ରାରେ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ସଚେତନ କରିଥିଲେ। ଏହି ଅବସରରେ ସୁବଳୟାରେ ଚାରାରୋପଣ କରାଯାଇ ଥିଲା। ନିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛ ଲଗାଅ, ପରିବେଶ ସନ୍ତୁଳନ କର




ପରିବେଶ ଦିବସ ପାଳନ ସଭାରେ ବନ ବିଭାଗ କର୍ମଚାରୀ।

ବିନିକା, ୫।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବନ ବିଭାଗ ତରଫରୁ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠିତ ସଭାରେ ବିନିକା ରେଞ୍ଜର ଉମ୍ବରୁଧର ପଧାନ ଅଧ୍ୟକ୍ଷତା କରି ବିଭାଗୀୟ କର୍ମଚାରୀଙ୍କୁ ଜଙ୍ଗଲ ଓ ପରିବେଶ ସୁରକ୍ଷା ଦିଗରେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ । ଫରେଷ୍ଟର ଲିଙ୍ଗରାଜ ନାୟକ, ଜନାର୍ଦ୍ଦନ ସ୍ୱାଇଁ ଓ ପିଏନ୍‌ଜିଓ ସଂଗଠନ ମୁଖ୍ୟ ପ୍ରଶାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ବିନିକା ସହର ସମେତ ନୂଆଁପାଲି, ଜବଦାରେ ଗଛ ଲଗାଅ, ଦେଶ ବଞ୍ଚାଅ ନାରାଦେଇ ପରିବେଶ ସୁରକ୍ଷା ନେଇ ସଚେତନ କରାଯାଇଥିଲା ।

# ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି



ବିଶାଳପାଲି ଛକରେ ଥିବା ଯାତ୍ରୀ ବିଶ୍ରାମାଗାର।

ବିନିକା, ୫।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବ୍ୟସ୍ତବହୁଳ ବିଶାଳପାଲି ଛକରେ ଥିବା ଯାତ୍ରୀ ବିଶ୍ରମାଗାର ଅବସ୍ଥା ଶୋଚନୀୟ ହୋଇ ପଡିଛି। ୨୦୦୯ ମସିହାରେ ନିର୍ମିତ ଏହି ଯାତ୍ରୀ ବିଶ୍ରାମଗାରର ଉନ୍ନତୀକରଣ ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଶ୍ରାମଗାରର କାନ୍ଥ ଫାଟି ଆଁ କରିଥିବା ବେଳେ ଛାତରୁ ଲୁହାଛଡ ତଳକୁ ଖସିବାକୁ ବସିଲାଣି । ଏଥିଯୋଗୁ ଯାତ୍ରୀମାନେ ବିଶ୍ରାମଗାର ଭିତରକୁ ଯାଉନାହାନ୍ତି। ଖରା, ବର୍ଷା, ଶୀତରେ ବାହାରେ ଗନ୍ତବ୍ୟ ପଥକୁ ଯିବାକୁ ଅପେକ୍ଷା କରୁଛନ୍ତି। ଅବିଳମ୍ବେ ବିଶ୍ରାମଗାରର ପୁନଃନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ବୌଦ୍ଧ ଚିରଘାଟର ସୌନ୍ଦର୍ଯ୍ୟକରଣ କରାଯିବ

## ପରିବେଶ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୫।୬(ସ୍ୱ.ପ୍ର.)




ବୈଠକରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

ବିଶ୍ୱ ପରିବେଶ ଦିବସ ଅବସରରେ ରବିବାର ସମଗ୍ର ବିଶ୍ୱରେ ପରିବେଶର ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏହି ପରିପ୍ରେକ୍ଷୀରେ ମହାନଦୀ କୂଳରେ ବୌଦ୍ଧ ସହର ଅବସ୍ଥିତ ଥିବାରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଐତିହାସିକ ଚିରଘାଟରୁ ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମହାନଦୀ, ଚନ୍ଦ୍ରଚୂଡ ମନ୍ଦିର ଓ ଚିରଘାଟର ସଙ୍ଗମ ସ୍ଥାନକୁ ସୌନ୍ଦର୍ଯ୍ୟକରଣର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ଏନ୍‌ଏସିର ନିର୍ବାହୀ ଅଧିକାରୀ ଇଂ.ମନୋରଞ୍ଜନ ପଣ୍ଡା ପ୍ରସ୍ତୁତ ହୋଇଥିବା ଯୋଜନା ସଂପର୍କରେ ଆଲୋକପାତ କରି ଖୁବଶୀଘ୍ର ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂ ଯୋଗଦେଇ ଏହାର ପରିବେଶ ପ୍ରତି ଅଧିକ ଯତ୍ନବାନ ହେବା ଉଚିତ୍ ବୋଲି ମତପ୍ରକାଶ କରିଥିଲେ। ଉପସ୍ଥିତ ସମସ୍ତ ଅତିଥି, କର୍ମଚାରୀ ଓ ସଫେଇ କର୍ମଚାରୀ ମନ୍ଦିରଠାରୁ ଚନ୍ଦ୍ରଚୂଡ ମଧ ଇଂରାଜୀ ବିଦ୍ୟାଳୟ ପର୍ଯ୍ୟନ୍ତ ମହାନଦୀ କୂଳ ଓ ରାସ୍ତା କଡରେ ପଡିଥିବା ପଲିଥିନ ସଫେଇ କରିବା ସହିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ବଗିଚାସାହିର ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଏହାର ଉନ୍ନତୀକରଣ ଏବଂ ପାଣିର ସ୍ରୋତ ବୌଦ୍ଧ ସହର ପଟକୁ ଆଣିବା ପାଇଁ ରାଜ୍ୟ ସରକାର, ନିର୍ବାଚିତ ପ୍ରତିନିଧି, ଜିଲା ପ୍ରଶାସନ ଓ ନିଜ୍ଞାପିତ ଅଞ୍ଚଳ ପରିଷଦକୁ ବାରମ୍ବାର ପତ୍ର ମାଧ୍ୟମରେ ଦାବି କରିଥିବା ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନିଲ ପ୍ରଧାନ, ଅରବିନ୍ଦ ବିଶ୍ୱାଳ, ସୁପରଭାଇଜର ଅର୍ଚ୍ଚନା ନାଏକ, ସୁଷମା ବେହେରା, ସ୍ୱଚ୍ଛସାଥୀ ଓ ରେଗ୍ ପିକରମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନସାଧାରଣ ସାମିଲ ହୋଇଥିଲେ। ଆସନ୍ତା ଦିନରେ ଗ୍ରୀନ ମହାନଦୀ ଅଭିଯାନରେ ଏଠାରେ ବୃକ୍ଷରୋପଣ କରାଯିବ ବୋଲି ମତ ପ୍ରକାଶ ପାଇଥିଲା।

# ସମ୍ବର୍ଦ୍ଧିତ ହେଲେ ୨୫ ପ୍ରତିଭାଧାରୀ

## ବ୍ରାହ୍ମଣଡିହିରେ ଶୀତଳ ଷଷ୍ଠୀ

ପଦ୍ମପୁର,୫।୬(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଅଧୀନ ବ୍ରାହ୍ମଣଡିହି ଗ୍ରାମରେ ୧୫ତମ ଶୀତଳ ଷଷ୍ଠୀ ଯାତ୍ରା ପାଳିତ ହୋଇଯାଇଛି। କନ୍ୟା ମାତାପିତା ଭାବେ ହେମନ୍ତ ପାତ୍ର ଓ ତାଙ୍କ ସ୍ତ୍ରୀ ଏବଂ ବର ମାତାପିତା ଭାବେ ସୁରଥ କମୁରିଆ ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ସଭ୍ୟ ମକରଧ୍ୱଜ ବଗାର, ମଣ୍ଡଳ ସଭାପତି କେତନ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାବା ମହାଦେବଙ୍କ ବରଯାତ୍ରୀରେ ସାମିଲ ହୋଇଥିଲେ। ଏହି ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ୨୫ ଜଣ ଚାଷୀ, କଳାକାର, ସାମାଜିକ କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ନନ୍ଦ କିଶୋର ଯୋଶୀ, ପ୍ରା ସମ୍ପାଦକ ଭକ୍ତ ଚରଣ ସାହୁ, ପୃଥ୍ୱୀରାଜ ସାହୁ, ଭାସ୍କର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ହରେକୃଷ୍ଣ ମେହେର, ଆନନ୍ଦ ବେହେରା, ପ୍ରଦୀପ ମେହେର, ବିନୋଦ ବୈକାର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ସୁରେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ମାତା ପାର୍ବତୀଙ୍କ ଶ୍ୱଶୁରାଳୟ ଯାତ୍ରା

## ବରପାଲି ଶୀତଳ ଷଷ୍ଠୀ ଯାତ୍ରା

ବରପାଲି,୫।୬(ଡି.ଏନ.ଏ.)



ଶ୍ରଦ୍ଧାଳୁମାନେ ଦେବ ଦମ୍ପତିଙ୍କ ଦର୍ଶନ କରୁଛନ୍ତି।

ବରପାଲିର ୧୪୫ ତମ ଶୀତଳ ଷଷ୍ଠୀ ଯାତ୍ରା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଥିପାଇଁ ସହରରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ସହର ସାରା ଶିବମୟ ହୋଇପଡିଛି। ରବିବାର ପୂର୍ବାହ୍ନରେ ଯାତ୍ରା ମଣ୍ଡପରୁ ହାକରା ଭାର ନେଇ ଏକ ଶୋଭାଯାତ୍ରା ହିମାଦ୍ରି ନଗରରେ ପହଞ୍ଚିଥିଲା। ସେଠାରେ ଶତ ଆଳତି କରି ମାତା ପାର୍ବତୀଙ୍କୁ ଶ୍ୱଶୁରାଳୟ ଆଗମନ ପାଇଁ ପ୍ରାର୍ଥନା କରାଯାଇଥିଲା। ଅପରାହ୍ନରେ ହିମାଦ୍ରି ନଗର (ଜଗନ୍ନାଥ ନଗର)ରୁ କପିଳେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଶ୍ୱଶୁରାଳୟ ଯାତ୍ରା ଆରମ୍ଭ ହୋଇଥିଲା। ଏହି ଭବ୍ୟ ଶୋଭାଯାତ୍ରା ରାତି ପ୍ରାୟ ୧୧ଟାରେ ରାଜବାଟୀ ସ୍ଥିତ ପୂଜା ମଣ୍ଡପରେ ପହଞ୍ଚିଥିଲା। ସେଠାରେ ଭକ୍ତଙ୍କ ଦାରା ସହସ୍ର ଆଳତି ପରେ ଦେବ ଦମ୍ପତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ବାହାରି ଗଙ୍ଗାଧର କ୍ଲବ ସମ୍ମୁଖରେ ପହଞ୍ଚିଥିଲା। ନୃପଲାଲ ଉଦ୍ୟାନରେ ଅନୁଷ୍ଠିତ ନଟରାଜ ମହୋତ୍ସବରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆସାମର ବୀହୁ ନୃତ୍ୟ, ପ୍ରତିଭା ଅନୁଷ୍ଠାନ କଳାହାଣ୍ଡି, ବରଗଡ଼ର କଳାଜୀବୀ, ଗାୟତ୍ରୀ କଳା ସଙ୍ଗଠନ ରାୟଗଡା, କଣ୍ଠ ଶିଳ୍ପୀ ଗଗନ ବାଗ ଓ ନୀଳିମା ମହାନ୍ତିଙ୍କ ଦ୍ୱାରା ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ବିଳମ୍ବିତ ରାତି ଯାଏ ଉପଭୋଗ କରିଥିଲେ। ନଟରାଜ ମହୋତ୍ସବରେ ଗୋକୁଳାନନ୍ଦ ସ୍ୱାଇଁ ଓ ବାଲ କିଶୋର ଖାଡଙ୍ଗା ମଞ୍ଚ ପରିଚାଳନା କରିଥିବା ବେଳେ ପରମାନନ୍ଦ ସ୍ୱାଇଁ, ଅଜିତ ଛତ୍ରିଆ, ସଂଗ୍ରାମ କେଶରୀ ସିଂ, ଶିରୀଶ ମୁଦୁଲି, ରମେଶ ରଣା, ଯୁଗାନନ୍ଦ ବିଶି, ଜଗନ୍ନାଥ ସେଠ ପ୍ରମୁଖ ମନୋରଞ୍ଜନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଧ୍ୟାତ୍ମିକ ପରିବେଶରେ ଶିବ ବିବାହ ସମ୍ପନ୍ନ

ପଦ୍ମପୁର,୫।୬(ଡି.ଏନ.ଏ.)

ପଦ୍ମପୁରଠାରେ ପ୍ରଥମ ଥର ଶିବ ବିବାହ ତଥା ଶୀତଳ ଷଷ୍ଠୀ ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ଶନିବାର ବଡପଡା ବଡବନ୍ଧ ଶିବ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାବା ଶିବଶଙ୍କର ହିମାଦ୍ରି ନଗର ଅଭିମୁଖେ ବରାନୁଗମନ କରିଥିଲେ। ଶୋଭାଯାତ୍ରାରେ ଦୁଲଦୁଲି, ଘଣ୍ଟ, କୃଷ୍ଣଗୁରୁ, କଲଙ୍ଗି, କିନ୍ନରନୃତ୍ୟ ପରିବେଷିତ ହୋଇଥିଲା। ବର ମାତା ପିତା ଭାବେ ସୁନୀଲ ପଟ୍ଟନାୟକ ଓ ସଙ୍ଗୀତା ପଟ୍ଟନାୟକ ଦମ୍ପତି ଥିବାବେଳେ ହିମାଦ୍ରି ନଗରରେ (ନେହେରୁ ଗଳି) ପୂର୍ବତନ ପ୍ରଫେସର ମହେନ୍ଦ୍ର ଭୋଇ ଓ ଉମା ପ୍ରଧାନ ଦମ୍ପତି କନ୍ୟା ମାତାପିତା କାର୍ଯ୍ୟ ନିର୍ବାହ କରିଥିଲେ। ସନ୍ଧ୍ୟାରେ ବରଯାତ୍ରୀ କନ୍ୟା ଭବନରେ ପହଞ୍ଚିବା ପରେ ପାର୍ବତୀଙ୍କ ମାତାପିତା ବରଯାତ୍ରୀ ଦଳକୁ ସ୍ୱାଗତ କରିଥିଲେ।

# ଭାଜପା ପକ୍ଷରୁ ହିତାଧିକାରୀ କୃଷକ ସମାବେଶ

ବୌଦ୍ଧ,୫।୬ (ସ୍ୱ.ପ୍ର.)

ବୌଦ୍ଧ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ତେଲିବନ୍ଧ ଗ୍ରାମୀଣ କୁଲଟାଖଲି ଗ୍ରାମରେ ହିତାଧିକାରୀ କୃଷକ ସମାବେଶ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ରବି ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ଏହି ଅବସରରେ ସେ କୃଷକ ମୋର୍ଚ୍ଚାର କର୍ମକର୍ତ୍ତା ଓ ଉପସ୍ଥିତ କୃଷକମାନଙ୍କୁ କେନ୍ଦ୍ରୀୟ କୃଷକ କଲ୍ୟାଣ ଯୋଜନା ସମ୍ବଳିତ ପ୍ରଚାରପତ୍ର ବଣ୍ଟନ କରିବା ସହିତ ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା,ଫସଲ ବୀମା ଯୋଜନା,କିଷାନ କ୍ରେଡିଟ କାର୍ଡ,ଏମଏସପି ୧୯୪୦ ଟଙ୍କାକୁ ବୃଦ୍ଧି, ଡିଏପି ଖାଦ୍ୟରେ ସବସିଡ ଆକାରରେ ହିତାଧିକାରୀମାନଙ୍କୁ ଲାଭ, ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ସରକାରଙ୍କ ଦ୍ୱାରା ରବି ଓ ଖରିଫ ଫସଲର ରେକର୍ଡ କ୍ରୟ ଉପରେ ମତବ୍ୟକ୍ତ କରିଥିଲେ। ଜିଲା ଭାଜପା ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ କେନ୍ଦ୍ର ସରକାରଙ୍କ ସବୁ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ସତ୍ୟାନନ୍ଦ ପାଣ୍ଡେ,କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ବୈକୁଣ୍ଠନାଥ ପ୍ରଧାନ,ଗ୍ରାମୀଣ ମଣ୍ଡଳ ସଭାପତି ନବୀନ ହୋତା,ଜିଲା ଭାଜପାର ବରିଷ୍ଠ ନେତା ପ୍ରେମାନନ୍ଦ ମିଶ୍ରଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଯୋଗଦେଇଥିଲେ।



ସମାବେଶରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ ଓ ଚାଷୀ।

# ଦେବଦମ୍ପତିଙ୍କ ଯୁଗଳ ଦର୍ଶନ

## ସୁବର୍ଣ୍ଣପୁର ଶୀତଳ ଷଷ୍ଠୀ ଯାତ୍ରା

ସୋନପୁର,୫।୬(ନି.ପ୍ର.)



ଦେବଦମ୍ପତିଙ୍କ ଯୁଗଳ ଦର୍ଶନ।

ସୁବର୍ଣ୍ଣପୁର ସହରର ଭଗବତୀପ୍ଲଟରେ ରବିବାର ଦେବଦମ୍ପତିଙ୍କ ଯୁଗଳ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ପୂଣ୍ୟ ଅର୍ଜନ କରିବା ପାଇଁ ଶିବ ପାର୍ବତୀଙ୍କ ଦର୍ଶନ କରଛନ୍ତି। ଶନିବାର ବିଳମ୍ବିତ ରାତିରେ ସୁବର୍ଣ୍ଣମେରୁ ମହାଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବା ଓ ଜଗତ ଜନନୀ ମାତା ପାର୍ବତୀଙ୍କ ବିବାହ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। କନ୍ୟା ପିତାଙ୍କ ବାସଗୃହ ହିମାଦ୍ରୀ ନଗର(ଭଗବତୀପ୍ଲଟ) ଠାରେ ଆଡମ୍ବର ସହକାରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେବଦମ୍ପତିଙ୍କ ଏହି ଲୌକିକ ଲୀଳା ଭକ୍ତଙ୍କୁ ଦେଇଥିଲା ଆଧ୍ୟାତ୍ମିକ ଆନନ୍ଦ। ମହାଦେବ ବାବା ୧୦୮ ଭରି ସୁନାର ଚନ୍ଦ୍ରଶେଖରଙ୍କ ସହ ଅଷ୍ଟ ଶମ୍ଭୁ ଓ ଅଷ୍ଟ ବିଷ୍ଣୁଙ୍କୁ ସାଙ୍ଗରେ ଧରି ବିବାହ ପାଇଁ ବାହାରି ଥିଲେ। ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ ଥିଲା। ଭଗବତୀ ପ୍ଲଟର ଜାନକୀ ଓ କୃଷ୍ଣଚନ୍ଦ୍ର ମେହେର କନ୍ୟାଦାନ କରିଥିଲେ। ପଣ୍ଡିତ କାଳୀଚରଣ ମିଶ୍ର, ରାଜେନ୍ଦ୍ର ମହାପାତ୍ର ଓ ଚନ୍ଦ୍ରଶେଖର ମନ୍ଦିରର ପୂଜକ ମାନେ ବିବାହ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଭଗବତୀ ପାଠାଗାର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଠାରେ ପାଳିତ ହେଉଥିବା ଅନ୍ୟ ଯାନି ଯାତ୍ରା ଭଳି ଲୋକସଂସ୍କୃତି ଓ ଅଧ୍ୟାତ୍ମିକ ପର୍ବ ଶୀତଳ ଷଷ୍ଠୀ ଅନ୍ୟତମ। ରାଜା ରାଜୁଡା ଅମଳରୁ ଶତାଧିକ ବର୍ଷର ପୁରୁଣା ପରମ୍ପରା ଅନୁସାରେ ଏହି ଯାତ୍ରା ଆୟୋଜନ ହୋଇଥାଏ।

## ସଭା, ସଚେତନତା ରାଲି

ଉଲୁଣ୍ଡା,(ଡି.ଏନ.ଏ.): ଉଲୁଣ୍ଡା ସେକ୍ସନ ବାଘପାଲି ବନସୁରକ୍ଷା ସମିତିରେ ଏକ କାର୍ଯ୍ୟକ୍ରମରେ ରେଞ୍ଜର ଦିଲୀପ କୁମାର ପଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଡେପୁଟି ରେଞ୍ଜର ଉଦୟ ନାଥ ମହାରଣା, ଉଲୁଣ୍ଡା ବନପାଳ ସୁନୀଲ କୁମାର ତରିଆ, ଯାଲୋଏ ବନପାଳ ବିନୋଦ ବିହାରୀ ସାହୁ, ଚଡେଇପଙ୍କ ବନରକ୍ଷୀ ଚୌଧୁରୀ ଦଳପତି, ସଂଯୋଜିକା ସୁନିଲା ସାହୁ, ଉନ୍ନୟନ ଅଧିକାରୀ ବିଶମୋହନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଉନ୍ନୟନ ଅଧିକାରୀ ସୁଚରିତା ନାୟକ ସ୍ୱାଗତ ଭାଷଣ ଦେଉଥିବା ବେଳେ ଟିମ ଲିଡର ପଦ୍ମଲୋଚନ ଯୋଶୀ ସଭା ପରିଚାଳନା କରିଥିଲେ । ଏହି ଅବସରରେ ଏକ ସଚେତନତା ରାଲି ବାହାରି ଥିଲା ।

# ମନ୍ତ୍ରୀଶୂନ୍ୟ କଳାହାଣ୍ଡି ଜିଲା

ଭବାନୀପାଟଣା,୫।୬(ସ୍ୱ.ପ୍ର.)

■ମମିତା ମେହେର ହତ୍ୟା ଘଟଣା ପରେ ଚାପରେ ଥିଲେ
■ପଞ୍ଚାୟତ ନିର୍ବାଚନରେ ସଫଳତା ପରେ ବି କାର୍ଯ୍ୟାନୁଷ୍ଠାନ
■ଜିଲାର ଏକମାତ୍ର ମନ୍ତ୍ରୀ ଦିବ୍ୟଶଙ୍କର ବାଦ୍‌ପଡ଼ିଲେ

ବିଜେଡି ସରକାରର ପଞ୍ଚମ ପାଳି ୩ ବର୍ଷ ପୂରଣ କରିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୂଆ ମନ୍ତ୍ରିମଣ୍ଡଳ ଗଠନ କରିଛନ୍ତି। ନୂଆ ଟିମ୍‌ରୁ ବହୁ ହେଭିୱେଟ ନେତାଙ୍କୁ ବାଦ୍ ପଡ଼ିଛନ୍ତି। ଏପରିସ୍ଥଳେ କଳାହାଣ୍ଡି ଜିଲା ଜୁନାଗଡ ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇ ୪ଟି ବିଭାଗର ମନ୍ତ୍ରୀ ହୋଇଥିବା ଦିବ୍ୟଶଙ୍କର ମିଶ୍ରଙ୍କୁ ବାଦ ଦିଆଯାଇଛି। ଫଳରେ କଳାହାଣ୍ଡି ଜିଲା ଏଥର ମନ୍ତ୍ରୀଶୂନ୍ୟ ହୋଇଛି। ଏହାକୁ ନେଇ ଜିଲାରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ସେହିପରି ଦଳୀୟ କର୍ମୀଙ୍କ ମନରେ ମଧ୍ୟ ନିରାଶର ଛାୟା ଦେଖିବାକୁ ମିଳିଛି। ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ବିରୋଧୀ ଦୀର୍ଘଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ, କୁଶପୁତ୍ତଳିକା ଦାହ କରିବା ସହ ଆଇନ ଅମାନ୍ୟ ଆନ୍ଦୋଳନ କରିଥିଲେ। ଏପରି କି ସେତେବେଳେ ମିଶ୍ରଙ୍କୁ ଶୀଘ୍ର ମନ୍ତ୍ରୀ ପଦରୁ ବିଦା କରିବା ସହ ଗିରଫ କରିବାକୁ ସେମାନେ ଦାବି କରିଥିଲେ। ଏହାପରେ ତାଙ୍କ ଉପରେ ଚାପ ରହିଥିଲା। ହେଲେ ପଞ୍ଚାୟତ ନିର୍ବାଚନ ରହିଥିବାରୁ ମିଶ୍ରଙ୍କ ଉପରେ ଦଳ ଭରସା କରି ଜିଲାରେ ଦବଦବା ଦେଖାଇବା ପାଇଁ ଦଳ ସୁଯୋଗ ଦେଇଥିଲା। ତେବେ ପଞ୍ଚାୟତ ନିର୍ବାଚନରେ ୩୬ଟି ଜିଲା ପରିଷଦ ଆସନ ମଧ୍ୟରୁ ବିଜେଡି ୩୩ଟି ଆସନରେ ବିଜୟୀ ହୋଇଥିଲା। ଏହାସହ ବିଜେଡି ନିର୍ଦ୍ୱନ୍ଦ୍ୱରେ ଜିଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦବୀ ଗଠନ କରିଥିଲା। ୨୦୧୭ରେ ଏଠାରେ ଭାଜପା ଜିଲାରେ ଜିଲା ପରିଷଦ ଅଧ୍ୟକ୍ଷ/ଉପାଧ୍ୟକ୍ଷ ଏକାକି ଗଠନ କରିଥିଲା। ଏଥର ଜିଲାର ୧୩ଟି ବ୍ଲକ ମଧ୍ୟରୁ ୧୧ଟିରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦ ମଧ୍ୟ ବିଜେଡି ସମର୍ଥିତ ପ୍ରାର୍ଥୀ ହୋଇଥିଲେ। ଯାହାର ଶ୍ରେୟ ମନ୍ତ୍ରୀ ମିଶ୍ରଙ୍କୁ ଦିଆଯାଇଥିବାବେଳେ ଦଳ ପାଇଁ ପୁଣି ସେ ପ୍ରିୟପାତ୍ର ହୋଇଥିଲେ। ଏହାପରେ ପୌରନିର୍ବାଚନ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା ପୌର ପାଳିକା ଓ କେସିଙ୍ଗା ଏନ୍‌ଏସିରେ ଅଧ୍ୟକ୍ଷା/ଅଧ୍ୟକ୍ଷ ପଦ ବିଜେଡି ହାତେଇଥିବାବେଳେ ମନ୍ତ୍ରୀ ମିଶ୍ରଙ୍କ ନିଜ ନିର୍ବାଚନ ମଣ୍ଡଳୀର ମୁଖ୍ୟାଳୟ ଜୁନାଗଡ ଏନ୍‌ଏସିରେ କିନ୍ତୁ ଅଧ୍ୟକ୍ଷ ପଦ ଭାଜପା ଖାତାକୁ ଯାଇଥିଲା। ସେହିପରି ନିକଟସ୍ଥ ଧର୍ମଗଡ ଏନ୍‌ଏସି ଅଧ୍ୟକ୍ଷ ପଦ ମଧ୍ୟ ଭାଜପା ଖାତାକୁ ଯାଇଥିଲା। ପଞ୍ଚାୟତ ନିର୍ବାଚନର ସଫଳତା ଓ ପୌର ନିର୍ବାଚନରେ ଜୁନାଗଡ ଓ ଧର୍ମଗଡ ଏନ୍‌ଏସି ଅଧ୍ୟକ୍ଷ ପଦ ଭାଜପା ଖାତାକୁ ଯାଇଥିବାରୁ ଏହି ବିଫଳତା ପାଇଁ ତାଙ୍କ ଉପରେ ଦଳ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଶୁଣିବାକୁ ମିଳିଛି। ଜିଲାରେ ୫ଟି ନିର୍ବାଚନ ମଣ୍ଡଳୀରୁ ଭବାନୀପାଟଣା ବ୍ୟତୀତ ସମସ୍ତ ୪ଟିରେ ବିଜେଡିର ବିଧାୟକ ରହିଛନ୍ତି। ମନ୍ତ୍ରୀ ମିଶ୍ରଙ୍କ ବ୍ୟତୀତ ଜିଲାରେ ନୂଆ ଚେହେରା ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଓ ଧର୍ମଗଡ ବିଧାୟକ ମୌଷଧି ବାଗ ରହିଥିବାବେଳେ ବରିଷ୍ଠ ଭାବେ ନର୍ଲା ବିଧାୟକ ତଥା ପୂର୍ବତନ ବିରୋଧୀ ଦଳ ନେତା ଭୂପିନ୍ଦର ସିଂହ ମଧ୍ୟ ରହିଥିଲେ। କିନ୍ତୁ ସେମାନଙ୍କୁ ମଧ୍ୟ ନୂଆ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦିଆଯାଇନାହିଁ। କଳାହାଣ୍ଡିକୁ ମନ୍ତ୍ରୀଶୂନ୍ୟ କରି ରାଜ୍ୟ ସରକାର ବୈମାତୃକ ମନୋଭାବ ଦେଖାଇଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ଜିଲାର ଚାଲିଥିବା ବିଭିନ୍ନ ଉନ୍ନୟନ କାମ ଏବେ ମନ୍ତ୍ରୀ ପଦ ଚାଲିଯିବା ପରେ ଅଟକି ଯିବନି ତ ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି।

## ସଂକ୍ଷେପରେ

### ଜ୍ୟୋତିଷ ବିଶାରଦ, ପୁରୋହିତ କର୍ମକାଣ୍ଡ କାର୍ଯ୍ୟକ୍ରମ



ନୂଆପଡ଼ା ଅଫିସ,୫।୬: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବୃଦ୍ଧିକୋମନା ପାତାଳେଶ୍ୱର ମନ୍ଦିର ପରିସରରେ ଜ୍ୟୋତିଷ ବିଶାରଦ ଓ ପୁରୋହିତ କର୍ମକାଣ୍ଡ ଉଭୟ ଗୋଷ୍ଠୀର ବ୍ୟକ୍ତିମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜ୍ୟୋତିର୍ବିଦ ନୀଳକଣ୍ଠ ରଣା ସଭାପତିତ୍ୱ କରିଥିବା ବେଳେ ଓମ ଶ୍ରୀ ଜୟ ମାଁ ସମଲେଶ୍ୱରୀ ଜୌତିଜ୍ଞାନ କେନ୍ଦ୍ର ଡୋଙ୍ଗରିପାଲି ଜ୍ୟୋତିଷ ଗଣକ ଦେବେନ୍ଦ୍ର ଛତ୍ରିଆ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାମାନବ ସମାଜ ଏକ ଅବିଚ୍ଛେଦ ଅଙ୍ଗ ଏହି ବିଦ୍ୟାକୁ ଅବହେଳା କିମ୍ବା ଅବିଶ୍ୱାସ କରି ଚଳିବା ସମ୍ଭବପର ନୁହେଁ। ଏହାକୁ କିଛି ବ୍ୟକ୍ତି ଅନ୍ଧବିଶ୍ୱାସ ଓ ଅବୈଜ୍ଞାନିକ ବୋଲି କହୁଛନ୍ତି। ଏହାକୁ ବେସରକାରୀ ଓ ବ୍ୟକ୍ତିଗତ ଚେଷ୍ଟାରେ ଏହି ମହାନ ଗୁଣମାନ କୋଶଳ ଜ୍ୟୋତିର୍ବିଦ ପଣ୍ଡିତ ମହାସଭା ସମ୍ପାଦକ ପ୍ରକାଶ ପୂଜାରୀ ସମଗ୍ର ଓଡିଶାର ଭୌତିକ, ଆଧ୍ୟାତ୍ମିକ ଓ ସାଧାରଣ ଜନତାଙ୍କ ପାଇଁ ଅନେକ ଦିଗ ଦର୍ଶନ ଦେଇଥିଲେ। ପ୍ରତ୍ୟେକ ତଥ୍ୟ ଅବଗତ ହେବା ପରେ ଜୌତିଷ ଶାସ୍ତ୍ର ଓ କର୍ମକାଣ୍ଡୀର ବିକାଶ ପାଇଁ ଏକ ଗୋଷ୍ଠୀ ଗଠନ କରାଯିବାକୁ ସର୍ବସମ୍ମତିକ୍ରମେ ଗୃହିତ କରାଗଲା । ଏହି ଅବସରରେ ଦେର୍ବାଚନ ଶଗରିଆ, ମାନଭଞ୍ଜନ ତ୍ରିପାଠୀ, କେଦାରନାଥ ପଣ୍ଡା, ରାଜନ ଛତ୍ରିଆ, ଧନପତି ପଣ୍ଡା, ମାୟାଧର ପଣ୍ଡା, ପ୍ରତ୍ୟୁଷ ପଣ୍ଡା, ପଦ୍ମ ଚରଣ ମେହେର, ବାସୁଦେବ ମିଶ୍ର, ଚର୍ତ୍ତୁଭୂଜ ରଣା, ରାମସିଂ ମାଝି, ହଳଧର ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ହୃଦ୍‌ଘାତରେ ଭାଜପା ମଣ୍ଡଳ ସଭାପତିଙ୍କ ପରଲୋକ



ମଣ୍ଡଳ ସଭାପତି ଚନ୍ଦ୍ର ଚରଣ ସିଂହ।

ଭବାନୀପାଟଣା,୫।୬(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଦେପୁର ଭାଜପା ମଣ୍ଡଳ ସଭାପତି ଚନ୍ଦ୍ର ଚରଣ ସିଂହ(୬୦)ଙ୍କ ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏହି ଖବର ପରେ ଜିଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମଣ୍ଡଳ ସଭାପତି ସିଂହ ଦଳର ଜଣେ ସକ୍ରିୟ କର୍ମୀ ଭାବେ ରହି ଦିର୍ଘଦୀନ ହେବ ଦାୟିତ୍ୱ ତୁଲାଉଥିଲେ। ଶେଷ ଦର୍ଶନ ସମୟରେ ପରିବାରବର୍ଗ ସମେତ ଭାଜପା ନେତା ଶରତ ଚନ୍ଦ୍ର ନାଏକ, ରମେଶ ମାଝି, ବିରଞ୍ଚି ନାରାୟଣ ରଥ, ସନ୍ତୋଷି ଦାସ, ରାମ ନାରାୟଣ ରଥ, ଭଣ୍ଡେଶ୍ୱର ମହାପାତ୍ର, ଅକ୍ରୁର ହରପାଲ, ନରହରି ପଟ୍ଟନାୟକ, ଭରତ ବୁଢିଆ, ଲୋକନାଥ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିରୋଧି ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଏମ୍‌ପି ବସନ୍ତ ପଣ୍ଡା, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଏମ୍‌ପିଙ୍କ ସହ ଆଲୋଚନା କଲା ମନ୍ଦିର କମିଟି

ଟିଟିଲାଗଡ, ୫।୬ (ଡି.ଏନ.ଏ )



ମନ୍ଦିର କମିଟି ସଦସ୍ୟଙ୍କ ସହ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ।

**ରାଣୀପୁର ଝରିଆଲ ବିକାଶ ପ୍ରସଙ୍ଗ**
■୩ବର୍ଷ ତଳେ ଘୋଷଣା କରିଥିଲେ ପ୍ରଧାନମନ୍ତ୍ରୀ

ଐତିହାସିକ ଚଉଷଠି ଯୋଗିନୀ ପୀଠ ବଲାଙ୍ଗୀର ଜିଲା ରାଣୀପୁର ଝରିଆଲ ଏବେ ଅବହେଳିତ। ଅବହେଳିତ ଏହି ଐତିହାସିକ କୀର୍ତ୍ତିରାଜିର ଉନ୍ନତୀକରଣ ଓ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ୨୦୧୯ ଜାନୁଆରୀ ୧୫ ତାରିଖରେ ବଲାଙ୍ଗୀର ଗସ୍ତ ସମୟରେ ସାଢେ ଚାରି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ଘୋଷଣା କରିଥିଲେ। ହେଲେ ପ୍ରଧାନମନ୍ତ୍ରୀଙ୍କ ସେହି ଘୋଷଣାକୁ ଅଦ୍ୟାବଧି ୩ ବର୍ଷ ବିତି ଯାଇଥିଲେ ହେଁ କେବଳ ପଥର ନିର୍ମିତ ୪ଟି ଚେୟାର ଓ ଗୋଟିଏ କିଛି ଲେଖା ହୋଇନଥିବା ନାମ ଫଳକ ଛଡା ବିକାଶ ଯୋଗିନୀପିଠ ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ଏହାକୁ ନେଇ ରାଣୀପୁର ଝରିଆଲ ମନ୍ଦିର କମିଟି ଆବାହକ ଅନିଲ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଅଞ୍ଚଳର ଜନ ପ୍ରତିନିଧିମାନଙ୍କ ସହ କମିଟିର ବିଭିନ୍ନ ପଦାଧିକାରୀ ଏମ୍‌ପି ସଙ୍ଗୀତା ସିଂହଦେଓଙ୍କୁ ଭେଟି ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରାଇବା ପାଇଁ ନିବେଦନ କରିଥିଲେ। ସିଂହଦେଓ ଆର୍କିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ (ଏଏସଆଇ) ଅଧିକ୍ଷକଙ୍କ ସହ ମୋବାଇଲ ଯୋଗେ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ତେବେ ଅଧିକ୍ଷକ ଟେଣ୍ଡର ଫାଇନାଲ ହୋଇଯାଇଛି, ଶୀଘ୍ର କାମ ଆରମ୍ଭ କରାଯିବ ବୋଲି କହିଥିଲେ। ରାଣୀପୁର ଝରିଆଲ ପାଇଁ ଦୁଇ ପ୍ରକାର ଏଜେନ୍ସି ଓଟିଡିସି ଓ ଏଏସଆଇ ତରଫରୁ କାମ ହାତକୁ ନେଇଥିବା ଏବଂ ଓଟିଡିସି ପେରିଫେରି ଉନ୍ନତୀକରଣ କାମ କରିବ ବୋଲି ସେ ସୂଚନା ଦେଇଥିଲେ। ପରେ ଏମ୍‌ପି ସିଂହଦେଓ ୭ ତାରିଖରେ ହେବାକୁ ଥିବା ଦିଶା ମିଟିଙ୍ଗରେ ରାଣୀପୁର ଝରିଆଲ କଥା ଉଠାଇ ଉନ୍ନତୀକରଣ ସୁନିଶ୍ଚିତ କରାଯିବ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ କମିଟି ସଭାପତି ମାଣିକ ଚନ୍ଦ ଜୈନ, ଝରିଆଲ ସରପଞ୍ଚ ଭରଦ୍ୱାଜ ଗହିର, ପର୍ମାନନ୍ଦ ଭୋଇ, ମନ୍ଦିର ପୂଜକ ଜଗମୋହନ ତ୍ରିପାଠୀ, ହେମନ୍ତ ସାହୁ, ନୌରାଜ ରଣା, ଝଳପ ସରପଞ୍ଚଙ୍କ ପ୍ରତିନିଧି ଗୋବିନ୍ଦ ପୁଟେଲ, ଅଲଣ୍ଡା ସରପଞ୍ଚଙ୍କ ପ୍ରତିନିଧି ତଥା ଯୁବନେତା ଯୁବରାଜ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ମୃତକଙ୍କ ପରିବାରକୁ ମିଳିଲା ୧ ଲକ୍ଷ ଟଙ୍କା ଅନୁଦାନ

**ବାର୍ହା ଫାଶରେ ପଡ଼ି ମୃତ୍ୟୁ ଘଟିବା ଘଟଣା**

ଭବାନୀପାଟଣା,୫।୬(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଦୁର୍ଗମ ପୋଡାପଦର ଗ୍ରାମପଞ୍ଚାୟତ ଅଧୀନ ଉପର ଟେମରା ଗାଁରେ ବାର୍ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଫାଶରେ ପଡ଼ି ଜଣେ ବାଳିକାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶରେ ଟାଟା ପାୱାର ପକ୍ଷରୁ ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ ଯେ, ୨୦୨୧ ନଭେମ୍ବର ୨୭ରେ ଦୁର୍ବୃତ୍ତମାନେ ବାର୍ହା ଶିକାର ପାଇଁ ରାତିରେ ତାର ବିଛାଇ ବିଦ୍ୟୁତ୍ ସଂଯୋଗ କରିଥିଲେ। ୨୮ ତାରିଖରେ ସେହି ତାର ସଂସ୍ପର୍ଶରେ ଆସି ଗ୍ରାମର କାଞ୍ଚୁ ଜାନିଙ୍କ ଝିଅ ଯମୁନାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନଙ୍କ ପାଖରେ ଅଭିଯୋଗ ଦାଖଲ କରିଥିଲେ। ଯମୁନା ଜାନୀଙ୍କ ପରିବାରକୁ କ୍ଷତିପୂରଣ ଦାବି କରିବା ସହିତ ସମ୍ପୃକ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମାନବାଧିକାର କର୍ମୀ ଅନୁରୋଧ କରିଥିଲେ। ମାନବାଧିକାର କମିଶନ ଏହାକୁ କେସ୍ ନଂ. ୩୩୧୯/୧୮/୬/୨୦୨୨ରେ ଗ୍ରହଣ କରି ବିଦ୍ୟୁତ୍ ବିଭାଗ ସଚିବ, କଳାହାଣ୍ଡି ପୋଲିସ ଅଧୀକ୍ଷକଙ୍କୁ ନୋଟିସ ଜାରି କରି ୮ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନୋଟିସ ପାଇବା ପରେ ଟାଟା ପାୱାର ପକ୍ଷରୁ ୨୦୨୨ ମେ ୧୮ରେ ଯମୁନାଙ୍କ ପିତା କାଞ୍ଚୁ ଜାନିଙ୍କୁ ୧ ଲକ୍ଷ ଟଙ୍କାର ଏକ (ଚେକ ନଂ. ୯୦୫୯୬୪) ପ୍ରଦାନ କରାଯାଇଛି ବୋଲି ଶକ୍ତି ବିଭାଗ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିଥିବା ବିଷୟ ଜଣାପଡିଛି।

# ଆଞ୍ଚଳିକ ଶୀତଳ ଷଷ୍ଠୀ ମହୋତ୍ସବ ଉଦ୍‌ଯାପିତ



ବଲାଙ୍ଗୀର ଢ଼ୋଲମହୂରୀ କଳା ପରିଷଦ କଳାକାର ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ଦେଓଗାଁ, ୫।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ପୁରୁଣାପାଣି ଶୁଲିଆପାହାଡ ପାଦଦେଶରେ ୧୮ତମ ଶିବବିବାହ ଉପଲକ୍ଷେ ୪ଦିନ ଧରି ଚାଲିଥିବା ଆଞ୍ଚଳିକ ଶୀତଳ ଷଷ୍ଠୀ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ଚକ୍ରଧର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥିଭାବେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ସମ୍ମାନୀତି ଅତିଥି ମହୀମୁଣ୍ଡା ସରପଞ୍ଚ ରଞ୍ଜିତା ଭୋଇ ମଞ୍ଚାସୀନ ଥିଲେ। କମିଟି ସମ୍ପାଦକ ମୟ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଜିଲା ଓ ଜିଲା ବାହାରୁ ଆସିଥିବା ସାଂସ୍କୃତିକ ଦଳ ପାରମ୍ପରିକ କଳା ପ୍ରଦର୍ଶନ କରିଥିଲେ। ଏଥିସହ ସେଠାରେ ଅନିଲ କୁମାର ନାଏକ ଓ ସାଥିଙ୍କ ଦ୍ୱାରା ଚାଲିଥିବା ଜଳନ୍ଧର ଦରବାର ମଧ ସମ୍ପନ୍ନ ହୋଇଛି। ମହୋତ୍ସବରେ ମୀନାବଜାର ମୁଖ୍ୟ ଆକର୍ଷଣ ଥିଲା । ମହୋସବକୁ ଉପ-ସଭାପତି ରଘୁ ଅରକ୍ଷିତ ବିଶ୍ୱାଳ, ପ୍ରଫୁଲ୍ଲ ଦାଶ, ସହସମ୍ପାଦକ ଅନନ୍ତ ଚୌହାନ, ସତ୍ୟ କାଲସାଏ, ବିଜୟ କୁମାର ପଧାନ, ଶ୍ରୀପତୀ ପ୍ରଧାନ, ପ୍ରଦୀପ ନାଏକ, ବିବେକାନନ୍ଦ ସାହୁ, ମନବୋଧ ହରପାଲ, ସୁବାଷ ନାଏକ,ସୁଦର୍ଶନ ପଧାନ,ଶରତ ନାଏକ, ଲୋଚନ ହେର୍ଣ୍ଣା,ପରମେଶ୍ୱର ନାଏକ,ବିଶ୍ୱଜିତ ପାତ୍ର ତଥା ପୁରୁଣାପାଣି ଗ୍ରାମବାସୀ ସହଯୋଗ କରିଥିଲେ ।

# ଏନ୍‌ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ



ଏନ୍‌ଏସି ୱାର୍ଡ ନଂ. ୧,୨ରେ ଜବରଦଖଲ ଉଚ୍ଛେଦ କରାଯାଉଛି।

**ୱାର୍ଡବାସୀଙ୍କୁ ମିଳିଲା ଯାତାୟାତ ପାଇଁ ରାସ୍ତା**

କେସିଙ୍ଗା,୫।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିର ୧ ଓ ୨ ନଂ. ୱାର୍ଡ଼ ନିକଟରେ ଥିବା ଏକ ରାଇସ ମିଲ ଦୀର୍ଘ ୫୬ବର୍ଷ ଧରି ରାସ୍ତା ଜବରଦଖଲ କରି ଆସୁଥିଲା। ଫଳରେ ୱାର୍ଡ଼ବାସୀଙ୍କ ପାଇଁ ଯାତାୟାତରେ ଅସୁବିଧା ହେଉଥିଲା। ଏନ୍‌ଏସି ଗଠନର ଆଜକୁ ଦୀର୍ଘ ୫୬ବର୍ଷ ବିତିଯାଇଥିଲେ ମଧ୍ୟ ୧ ଓ୨ ୱାର୍ଡବାସୀଙ୍କ ପାଇଁ ମୁଖ୍ୟ ରାସ୍ତା ନ ଥିବାରୁ ବର୍ଷା ଦିନରେ ଯାନବାହାନ ଯାତାୟାତରେ ଅସୁବିଧା ହେଉଥିଲେ। ଏ ନେଇ ବହୁବାର ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ରାସ୍ତା ଉଚ୍ଛେଦ ପାଇଁ ୱାର୍ଡ଼ବାସୀ ଅଭିଯୋଗ କରିବା ସହ ଗଣଆନ୍ଦୋଳନ କରି ବିଫଳ ହୋଇଥିଲେ। କିନ୍ତୁ ନବନିର୍ବାଚିତ ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ ଓ ନିର୍ବାହୀ ଅଧିକାରିଣୀ ମିସ କିରଣ ବେହେରାଙ୍କ ନେତୃତ୍ୱରେ ଦୀର୍ଘ ୫୬ ବର୍ଷର ରାସ୍ତାକୁ ରବିବାର ଜେସିପି ମେଶିନ ଲଗାଇ ଜବରଦଖଲ ଉଚ୍ଛେଦ କରାଯାଇଛି। ଦୀର୍ଘ ୫୬ବର୍ଷ ହେଲା ରାଇସ ମିଲ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଦୁଃଖ ପରିତାପର ବିଷୟ ଏହିଯେ କିଛି ମୁଷ୍ଟିମେୟ ବ୍ୟକ୍ତି ନିଜସ୍ୱ ସ୍ୱାର୍ଥ ପାଇଁ ମିଲ ମାଲିକଙ୍କ ସହିତ ମିଶି ରାସ୍ତା ନିର୍ମାଣରେ ବାଧା ସୃଷ୍ଟି କରୁଥିଲେ। କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ ଓ ନିର୍ବାହୀ ଅଧିକାରିଣୀ ମିସ କିରଣ ବେହେରା, ଜୁନିୟର ଇଞ୍ଜିନିୟର ଫଗୁନ ମାରାଣ୍ଡି, କାଉନସିଲର ଓ ୱାର୍ଡ଼ବାସୀଙ୍କ ଉଦ୍ୟମକ୍ରମେ ରାସ୍ତା ଉଚ୍ଛେଦ କରାଯାଇଛି। ତୁରନ୍ତ ଡ୍ରେନ ନିର୍ମାଣ କରାଯାଇ ଥିବାରୁ ୱାର୍ଡ଼ବାସୀମାନେ ଖୁସି ଅନୁଭବ କରିଛନ୍ତି। ଏ ନେଇ ଅଧ୍ୟକ୍ଷ ଯାଦବଙ୍କୁ ପଚାରିବାରୁ ଆଗାମୀ ଦିନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରକାଶ କରିଥିଲେ। ସେହିପରି ଏନ୍‌ଏସି ୱାର୍ଡ଼ ନମ୍ବର ୧୦ସ୍ଥିତ ବୁଟିଆ କଟା, ସାବିତ୍ରୀ ବନ୍ଧ ଓ ମାଧବ ପୋଖରୀକୁ ଏକତ୍ରିତ କରାଯାଇ ଏକ ବିରାଟ ଆଦର୍ଶ ପୋଖରୀ (ୱାଟର ପାର୍କ) ନିର୍ମାଣ ପାଇଁ ଏନ୍‌ଏସି ପକ୍ଷରୁ ଡବ୍ଲ୍ୟୁଓଡିସିଙ୍କ ନିକଟରେ ଦାବି କରାଯାଇଛି। ଏହି ୱାଟର ପାର୍କରେ ଡଙ୍ଗା ଚଳ ପ୍ରଚଳନ କରାଯିବ ସହ ଆଲୋକିକରଣ, ପଥର ଚଟାଣ ନିର୍ମାଣ ପାଇଁ ପୂର୍ବରୁ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ ତ୍ରିପାଠୀ, ସିଇଓ ଡ଼.ଅଜିତ କୁମାର ମିଶ୍ର, ଜିଲାପାଳ ଡ଼. ଗାଭାଲି ପରାଗ ହର୍ଷଦଙ୍କ ପରିଦର୍ଶନ ସମୟରେ ଏନ୍‌ଏସି ଅଧ୍ୟକ୍ଷ ଯାଦବ ଦୃଷ୍ଟି ଆକର୍ଷଣ କରାଇଥିଲେ। ୱାର୍ଡ଼ ନମ୍ବର ୧୦ରେ ଜୈନକ ବ୍ୟକ୍ତି ଡ୍ରେନ ଅବରୋଧ କରିଥିବାରୁ ଡ୍ରେନ ପାଣି ଅଟକି ଯାଉଥିବାରୁ ତାର ପ୍ରତିକାର କରିବା ପାଇଁ ମଧ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# କୁତୁର୍ଲାରୁ ଭୀମପାହାଡ ଯାଏ ସାଂସ୍କୃତିକ ଶୋଭାଯାତ୍ରା

ଦେଓଗାଁ,୫।୬(ଡି.ଏନ.ଏ)




ଦେଓଗାଁ ବ୍ଲକ ଛକରେ କଳାକାରଙ୍କ ଦ୍ୱାରା ବାହାରି ଥିବା ପରିବେଶ ସଚେତନତା ଶୋଭଯାତ୍ରା।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ସ୍ଥିତ କୋଶଳୀ ଲୋକନୃତ୍ୟ ଏକାଡେମୀ ପକ୍ଷରୁ ନିଆରା ଭାବେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି । କୁତୁର୍ଲା ଗାଁରୁ ମକୁନ୍ଦପୁର ପଞ୍ଚାୟତର ପର୍ଯ୍ୟଟନସ୍ଥଳୀ ଭୀମପାହାଡ ଯାଏ ଏକ ସାଂସ୍କୃତିକ ସଚେତନତା ଶୋଭାଯାତ୍ରା ଯାଇଥିଲା। ଲୋକନୃତ୍ୟ ଏକାଡେମୀ ସମ୍ପାଦକ ଧରଣୀଧର ନାୟକଙ୍କ ତତ୍ତ୍ୱାବଧାନ ଓ ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ସହଯୋଗରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ସହ ପରିବେଶକୁ ପ୍ରଦୂଷିତ ନ କରିବା, ଗଛ ଲଗାଇ ତାର ଉପଯୁକ୍ତ ଯତ୍ନ ନେବା, ବାହାରେ ମଳତ୍ୟାଗ ନ କରିବା ଆଦି ଦିଗରେ ସଚେତନତା ବାର୍ତ୍ତା ଦେଇଥିଲେ। ଭୀମପାହାଡ ପାଦଦେଶରେ ହଳଧର ସୁନାଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ସମ୍ମାନୀତ ଅତିଥିଭାବେ ମକୁନ୍ଦପୁର ପଞ୍ଚାୟତର ସମିତି ସଭ୍ୟ ଅଭିମନ୍ୟୁ ମାଝି ପ୍ରମୁଖ ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ଶେଷରେ ଜଗଦୀଶ ସୁନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବୃଷଭ ହରପାଲ ଓ ସାଥିଙ୍କ ଦ୍ୱାରା ଗଣ୍ଡାବଜା, ଭୀମ ସାଗର ଓ ସାଥିଙ୍କ ଦ୍ୱାରା କଳାମଲ୍ଲୀ, ଗଜେନ୍ଦ୍ର ଚନ୍ଦନ ଓ ସାଥିଙ୍କ ଦ୍ୱାରା ହର ପାର୍ବତୀ ଖାମୁଯାତ୍ରା, କାଣି ହରପାଲ ଓ ସାଥିଙ୍କ ଦ୍ୱାରା ଡାଲଖାଇ ଆଦି ପାରମ୍ପାରିକ ନୃତ୍ୟ ପରିବେଷଣ କରାଯାଇଥିଲା।

## ହୀରାପୁର ପଞ୍ଚାୟତ ଦୁର୍ନୀତି ମାମଲା

# ସ୍ୱର ଚାପିଦେବାକୁ ଉଦ୍ୟମ ଅଭିଯୋଗ

ଲୋଇସିଂହା,୫।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତରେ ଉନ୍ନୟନ କାମରେ ଦୁର୍ନୀତି ହୋଇଛି। ଗୋଟିଏ ପ୍ରକଳ୍ପରେ ଏକାଧିକ ଥର ବିଲ୍ ଉଠାଣ, ଅନୁଦାନ ମୁତାବକ ସନ୍ତୋଷଜନ କାମ ନ କରି ଅର୍ଥ ହରିଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ପ୍ରଶାସନଠାରୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଯାଏ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ରବିବାର ଲୋଇସିଂହା ବାବା ମଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଧାନାଥ ବିଶ୍ୱାଳ ଏପରି ଅଭିଯୋଗ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ବ୍ଲକ ଆଗରେ ଧାରଣା ଦେବାକୁ ଚେତବନୀ ଦିଆଯାଇଛି। ଅପରପକ୍ଷେ ଖବରଦାତା ସମ୍ମିଳନୀ ଚାଲିଥିବା ବେଳେ କେତେକ ବ୍ୟକ୍ତି ବାବା ମଠକୁ ଧସେଇ ପଶିଆସି ଗାଳିଗୁଲଜ କର କାର୍ଯ୍ୟକ୍ରମକୁ ଭଣ୍ଡୁର ଉଦ୍ୟମ କରିଥିଲେ। ଖବର ପାଇ ଲୋଇସିଂହା ପୋଲିସ ସେଠାରେ ପହଞ୍ଚି ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି ।

ହୀରାପୁର ପଞ୍ଚାୟତ ଦୁର୍ନୀତିର ତଦନ୍ତ କରିବାକୁ ଭିଜିଲାନ୍ସ ପକ୍ଷରୁ ଜୁନ ୧ତାରିଖରେ ପଞ୍ଚାୟତ ଅନ୍ତର୍ଗତ କେତେକ ଗ୍ରାମକୁ ଯାଇ କ୍ଷେତ୍ର ପରିଦର୍ଶନ କରିଥିଲେ। ହେଲେ ଜିଲା ପ୍ରଶାସନ ଅଭିଯୋଗ ପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ରବିବାର ରାଧାନାଥ ବିଶ୍ୱାଳ, ପୁରନ ଭୋଇ, ଅଶୋକ ବାରିକ, ମନରଞ୍ଜନ ବେହେରା, ୱାର୍ଡସଭ୍ୟ ହିରାଲାଲ ଭୋଇ, ସମୀର ବିଶ୍ୱାଳ, କଇଁରୁ ସାହୁ ପ୍ରମୁଖ ଲୋଇସିଂହା ବାବା ମଠାରେ ଖବରଦାତା ଡାକି ଦୁର୍ନୀତ ସମ୍ପର୍କରେ ସୂଚନା ଦେଇଥିଲେ । ସେମାନଙ୍କ ସୂଚନା ମୁତାବକ ଏସଏସଫସି ଓ ସିଏଫସି ପାଣ୍ଠିରୁ ଧାର୍ମିକ ଅନୁଷ୍ଠାନକୁ ଅନୁଦାନ ଦେବା ସରକାରୀ ଆଇନର ବିରୋଧାଚରଣ କରୁଛି। ହେଲେ ପଞ୍ଚାୟତର ସମେଲମୁଣ୍ଡା ଗାଁର କେତେକ ଧାର୍ମିକ ଅନୁଷ୍ଠାନ ନାମରେ ଅନୁଦାନ ପକା ଯାଇଛି ।ଗ୍ରାମ ମହାଦେବ ମନ୍ଦିର ପ୍ଲିନ୍ଥ ପର୍ଯ୍ୟନ୍ତ କାମ କରି ଅନୁଦାନ ରାଶି ଉଠାଯାଇଛି। ସେହିପରି ଉକ୍ତଗ୍ରାମରେ ପଥେଇ ଗୁଡି ଏବଂ ଭାଗତ ମନ୍ଦିର ନାହିଁ । ଉଭୟ ମନ୍ଦିର ନାମରେ ଅନୁଦାନ ଉଠିଛି। ୧ ଏକର ପରିସୀମା ନୂଆଁବନ୍ଧରେ ବିଗତ ୫ ବର୍ଷରେ ୩୫ ଲକ୍ଷ ସରକାରୀ ଅନୁଦାନ ଖର୍ଚ୍ଚ କରାଯାଇଛି। ଗତ ୫ ବର୍ଷରେ ଟେଭାଡୁଙ୍ଗରୀ ଗ୍ରାମରେ କୌଣସି କାମ କରାଯାଇନାହିଁ। ବାରଡୋଲ ଏବଂ ବୋଡୁଙ୍ଗରୀ ମଝିରେ ଥିବା ସାପଖାଇ ନାଳାରେ ଚେକଡ୍ୟାମ, ମାଟି କାମ ଏପରି ଭାବେ ୫ ବର୍ଷରେ ପ୍ରାୟ ୩୨ ଲକ୍ଷ ଟଙ୍କା କାମ କରି ସୁଦ୍ଧା ସନ୍ତୋଷଜନକ ହୋଇ ନ ଥିବା ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି।



**ସଭା, ସଚେତନତା ରାଲି**

**ଉଲୁଣ୍ଡା,(ଡି.ଏନ.ଏ.):** ଉଲୁଣ୍ଡା ସେକ୍ସନ ବାଘପାଲି ବନସୁରକ୍ଷା ସମିତିରେ ଏକ କାର୍ଯ୍ୟକ୍ରମରେ ରେଞ୍ଜର ଦିଲୀପ କୁମାର ପଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଡେପୁଟି ରେଞ୍ଜର ଉଦୟ ନାଥ ମହାରଣା, ଉଲୁଣ୍ଡା ବନପାଳ ସୁନୀଲ କୁମାର ତରିଆ, ଯାଲୋଏ ବନପାଳ ବିନୋଦ ବିହାରୀ ସାହୁ, ଚଡେଇପଙ୍କ ବନରକ୍ଷୀ ଚୌଧୁରୀ ଦଳପତି, ସଂଯୋଜିକା ସୁନିଲା ସାହୁ, ଉନ୍ନୟନ ଅଧିକାରୀ ବିଶମୋହନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଉନ୍ନୟନ ଅଧିକାରୀ ସୁଚରିତା ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଟିମ ଲିଡର ପଦ୍ମଲୋଚନ ଯୋଶୀ ସଭା ପରିଚାଳନା କରିଥିଲେ । ଏହି ଅବସରରେ ଏକ ସଚେତନତା ରାଲି ବାହାରି ଥିଲା ।

## ସଂକ୍ଷେପରେ

### ଜ୍ୟୋତିଷ ବିଶାରଦ, ପୁରୋହିତ କର୍ମକାଣ୍ଡ କାର୍ଯ୍ୟକ୍ରମ



**ନୂଆପଡ଼ା ଅଫିସ,୫।୬:** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବୃଦ୍ଧିକୋମନା ପାତାଲେଶ୍ୱର ମନ୍ଦିର ପରିସରରେ ଜ୍ୟୋତିଷ ବିଶାରଦ ଓ ପୁରୋହିତ କର୍ମକାଣ୍ଡ ଉଭୟ ଗୋଷ୍ଠୀର ବ୍ୟକ୍ତିମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜ୍ୟୋତିର୍ବିଦ ନୀଳକଣ୍ଠ ରଣା ସଭାପତିତ୍ୱ କରିଥିବା ବେଳେ ଓମ ଶ୍ରୀ ଜୟ ମାଁ ସମଲେଶ୍ୱରୀ ଜୌତିଜ୍ଞାନ କେନ୍ଦ୍ର ଡୋଙ୍ଗରିପାଲି ଜ୍ୟୋତିଷ ଗଣକ ଦେବେନ୍ଦ୍ର ଛତ୍ରିଆ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାମାନବ ସମାଜ ଏକ ଅଭିଛେଦ ଅଙ୍ଗ ଏହି ବିଦ୍ୟାକୁ ଅବହେଳା କିମ୍ବା ଅବିଶ୍ୱାସ କରି ଚଳିବା ସମ୍ଭବପର ନୁହେଁ। ଏହାକୁ କିଛି ବ୍ୟକ୍ତି ଅନ୍ଧବିଶ୍ୱାସ ଓ ଅବୈଜ୍ଞାନିକ ବୋଲି କହୁଛନ୍ତି। ଏହାକୁ ବେସରକାରୀ ଓ ବ୍ୟକ୍ତିଗତ ଚେଷ୍ଟାରେ ଏହି ମହାନ ଗୁଣମାନ କୋଶଳ ଜ୍ୟୋତିର୍ବିଦ ପଣ୍ଡିତ ମହାସଭା ସମ୍ପାଦକ ପ୍ରକାଶ ପୂଜାରୀ ସମଗ୍ର ଓଡିଶାର ଭୌତିକ, ଆଧ୍ୟାତ୍ମିକ ଓ ସାଧାରଣ ଜନତାଙ୍କ ପାଇଁ ଅନେକ ଦିଗ ଦର୍ଶନ ଦେଇଥିଲେ। ପ୍ରତ୍ୟେକ ତଥ୍ୟ ଅବଗତ ହେବା ପରେ ଜୌତିଷ ଶାସ୍ତ୍ର ଓ କର୍ମକାଣ୍ଡୀର ବିକାଶ ପାଇଁ ଏକ ଗୋଷ୍ଠୀ ଗଠନ କରାଯିବାକୁ ସର୍ବସମ୍ମତିକ୍ରମେ ଗୃହିତ କରାଗଲା । ଏହି ଅବସରରେ ଦେର୍ବାଚନ ଶଗରିଆ, ମାନଭଞ୍ଜନ ତ୍ରିପାଠୀ, କେଦାରନାଥ ପଣ୍ଡା, ରାଜନ ଛତ୍ରିଆ, ଧନପତି ପଣ୍ଡା, ମାୟାଧର ପଣ୍ଡା, ପ୍ରତ୍ୟୁଷ ପଣ୍ଡା, ପଦ୍ମ ଚରଣ ମେହେର, ବାସୁଦେବ ମିଶ୍ର, ଚର୍ତୁଭୁଜ ରଣା, ରାମସିଂ ମାଝି, ହଳଧର ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ହୃଦ୍‌ଘାତରେ ଭାଜପା ମଣ୍ଡଳ ସଭାପତିଙ୍କ ପରଲୋକ



ମଣ୍ଡଳ ସଭାପତି ଚନ୍ଦ୍ର ଚରଣ ସିଂହ।

**ଭବାନୀପାଟଣା,୫।୬(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଦେପୁର ଭାଜପା ମଣ୍ଡଳ ସଭାପତି ଚନ୍ଦ୍ର ଚରଣ ସିଂହ(୬୦)ଙ୍କ ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏହି ଖବର ପରେ ଜିଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ମଧରେ ଶୋକର ଛାୟା ଖେଳିଯାଇଛି। ମଣ୍ଡଳ ସଭାପତି ସିଂହ ଦଳର ଜଣେ ସକ୍ରିୟ କର୍ମୀ ଭାବେ ରହି ଦିର୍ଘଦୀନ ହେବ ଦାୟିତ୍ୱ ତୁଲାଉଥିଲେ। ଶେଷ ଦର୍ଶନ ସମୟରେ ପରିବାରବର୍ଗ ସମେତ ଭାଜପା ନେତା ଶରତ ଚନ୍ଦ୍ର ନାଏକ, ରମେଶ ମାଝି, ବିରଞ୍ଚି ନାରାୟଣ ରଥ, ସନ୍ତୋଷି ଦାସ, ରାମ ନାରାୟଣ ରଥ, ଭଣ୍ଡେଶ୍ୱର ମହାପାତ୍ର, ଅକ୍ରୁର ହରପାଲ, ନରହରି ପଟ୍ଟନାୟକ, ଭରତ ବୁଦ୍ଧିଆ, ଲୋକନାଥ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିରୋଧି ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଏମ୍‌ପି ବସନ୍ତ ପଣ୍ଡା, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ନବୀନଙ୍କ ନୂଆ ଟିମ୍‌ରେ ପଦ ବଜାୟ ରଖିଲେ ନିରଞ୍ଜନ

**ସୋନପୁର,୫।୬(ନି.ପ୍ର.)**

ରାଜ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ଗତ ଦେଢ ମାସ ଧରି ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଛେଦ ପଡିଛି । ବିଜେଡି ସରକାରର ପଞ୍ଚମ ପାଳି ୩ ବର୍ଷ ପୂରଣ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ମନ୍ତ୍ରୀ ବଦଳାଇଛନ୍ତି। ରବିବାର ନୂଆ ମନ୍ତ୍ରୀ ମାନେ ଶପଥ ନେଇଛନ୍ତି। ଏହିକ୍ରମରେ ସୁବର୍ଣ୍ଣପୁର ଜିଲାର ଦୁଇ ବିଧାୟକଙ୍କ ମଧ୍ୟରୁ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ତାଙ୍କ ପଦ ବଜାୟ ରଖିଛନ୍ତି। ସେ ନବୀନଙ୍କ କ୍ୟାବିନେଟ୍‌ରେ ସବୁଠୁ କ୍ଷମତାଶାଳୀ ଭାବେ ପୁଣି ଉଭା ହୋଇଛନ୍ତି। ପୂଜାରୀଙ୍କୁ ପୂର୍ବ ଭଳି ଗୁରୁତ୍ୱପୂର୍ଣ୍ଣ ଅର୍ଥ ସହିତ ସଂସଦୀୟ ବ୍ୟାପାର ବିଭାଗ ମିଳିଛି। ଏହା ଜିଲାବାସୀଙ୍କୁ ଆନନ୍ଦ ଆଣି ଦେଇଛି। ତେବେ ଅଭିଜ୍ଞ ରାଜନେତା ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମନ୍ତ୍ରିମଣ୍ଡଳରୁ ବାଦ୍ ପଡିଛନ୍ତି। ଏହା ପଦ୍ମନାଭଙ୍କ ସମର୍ଥକ ତଥା ବୀରମହାରାଜପୁର ନିର୍ବାଚନମଣ୍ଡଳୀର



ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ



ପଦ୍ମନାଭ ବେହେର

ଜନସାଧାରଣଙ୍କୁ ନିରାଶ କରିଛି । ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ଜିଲାରେ ବିଜେଡିକୁ ବିପୁଳ ସଫଳତା ମିଳିଛି। ତେବେ ବେହେରାଙ୍କ ନିର୍ବାଚନମଣ୍ଡଳୀରୁ ଗୋଟିଏ ଜିଲା ପରିଷଦ ଆସନ କଂଗ୍ରେସ ଦଖଲ କରିଥିବା ବେଳେ ଅନ୍ୟଟି ଭାଜପା ହାତକୁ ଯାଇଥିଲା। ଏହା ତାଙ୍କ ପାଇଁ ସମସ୍ୟା ସୃଷ୍ଟି କଲା ବୋଲି ଆଲୋଚନା ହେଉଛି ।

୨୦୧୯ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭ ଦୃଷ୍ଟି ସୁବର୍ଣ୍ଣପୁର ଜିଲା ଉପରେ ଅଧିକ ଥିବା ରାଜ୍ୟବାସୀ ଅନୁଭବ କରିଥିଲେ। କାରଣ ନବୀନଙ୍କ ପଞ୍ଚମ ପାଳିରେ ରାଜ୍ୟର ୧୩ଟି ଜିଲା ମନ୍ତ୍ରୀ ଶୂନ୍ୟ ହୋଇଥିବା ବେଳେ ଏହି ଛୋଟ ଜିଲାର ଦୁଇ ବିଧାୟକଙ୍କୁ କ୍ୟାବିନେଟ୍ ମନ୍ତ୍ରୀ କରାଯାଇଥିଲା। ଏହା ଜିଲା ପାଇଁ ସୁବର୍ଣ୍ଣ ସମୟ ବୋଲି ଆଲୋଚନା ହେଉଥିଲା। କାରଣ ନିରଞ୍ଜନଙ୍କୁ ଅର୍ଥ ଓ ଅବକାରୀ ଏବଂ ପଦ୍ମନାଭଙ୍କୁ ବାଣିଜ୍ୟ, ପରିବହନ, ଯୋଜନା ଓ ସମନ୍ୱୟ ବିଭାଗ ମିଳିଥିଲା। ଦୀର୍ଘବର୍ଷ ପରେ ବରିଷ୍ଠ ନେତା ପଦ୍ମନାଭ ପୁଣି କ୍ୟାବିନେଟ୍‌କୁ ଫେରିଥିଲେ।

### ପଦ୍ମନାଭ ବାଦ୍ ପଡିବା ନେଇ ସମର୍ଥକ ନିରାଶ

ନବୀନଙ୍କ ତୃତୀୟ ଓ ଚତୁର୍ଥ ପାଳିରେ ପୂଜାରୀ ପର୍ଯ୍ୟାୟକ୍ରମେ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ଯୋଗାଣ ଓ ସମବାୟ ବିଭାଗ, ଶିଳ୍ପ, ଅବକାରୀ, ଜଳସମ୍ପଦ, ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଥିଲେ। ପରେ ଓଡିଶା ବିଧାନସଭାର ସମ୍ମାନ ଜନକ ବାଚସ୍ପତି ହୋଇଥିଲେ । ସୀମା ପୁନଃ ନିର୍ଦ୍ଧାରଣ ପରେ ନିରଞ୍ଜନ ୨୦୦୯ରୁ ସୋନପୁର ବିଧାୟକ ଅଛନ୍ତି । ଏବଂ ସେହି ଦିନଠାରୁ ସେ ନବୀନଙ୍କ କ୍ୟାବିନେଟ୍‌ରେ ଅଛନ୍ତି। ଏ ସମ୍ପର୍କରେ ମନ୍ତ୍ରୀ ନିରଞ୍ଜନ କୁହନ୍ତି, ସେ ଜଣେ ସାଧାରଣ ଚାଷୀ ଘରର ପିଲା। ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖି କ୍ୟାବିନେଟ୍‌ରେ ସାମିଲ କରୁଛନ୍ତି। ଦାୟିତ୍ୱକୁ ସଫଳତାର ସହ ପାଳନ କରିବି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଓ ପରାମର୍ଶ କ୍ରମେ ନିର୍ବାଚନମଣ୍ଡଳୀ ତଥା ଜିଲାର ଜନସାଧାରଣ ଓ ରାଜ୍ୟବାସୀଙ୍କ ପାଇଁ କାମ କରିବେ ବୋଲି କହିଛନ୍ତି ।

# ବୃକ୍ଷରୋପଣରେ ସମର୍ପିତ ଜୀବନ

**ବରଗଡ଼ ଅଫିସ୍,୫।୬**

ବରଗଡ଼ ବ୍ଲକ ନୂଆଁ ସରସରା ଗ୍ରାମର ସୁଶାନ୍ତ କୁମାର ପଣ୍ଡା। ପୂଜାପାଠ କରିବା ତାଙ୍କ ପେଶା। ହେଲେ ବୃକ୍ଷରୋପଣରେ ସେ ନିଜ ଜୀବନକୁ ସପର୍ମଣ କରିଛନ୍ତି । ଗ୍ରାମ ନିକଟ କେନାଲ ରାସ୍ତାପାର୍ଶ୍ୱ ହେଉ କିମ୍ବା ସ୍କୁଲ, କଲେଜ ଆଦି ଅନୁଷ୍ଠାନରେ ବୃକ୍ଷରୋପଣ କରି ତାର ଯତ୍ନ ନେବା ଏବଂ ପରିବେଶ ସୁରକ୍ଷା ପାଇଁ ସଚେନତନା ସୃଷ୍ଟି କରିବା ସୁଶାନ୍ତଙ୍କ ନିଶା ପାଲଟିଛି। ୨୦୧୦ ମସିହାରୁ ବୃକ୍ଷରୋପଣକୁ ନିଶା ଭାବେ ଆଦରି ନେଇଥିବା ସୁଶାନ୍ତ ଇତିମଧ୍ୟରେ ଗ୍ରାମର ଜନସେବା ଗ୍ରୁପ୍ ସହଯୋଗରେ ୨୧୦୦ ବୃକ୍ଷଚାରା ରୋପଣ କରିସାରିଥିବା କହିଛନ୍ତି।

ସୁଶାନ୍ତ କହିଛନ୍ତି, ୨୦୧୦ରେ ସେ ତାଙ୍କ ବାପା ଅଶୋକଙ୍କ ସହିତ ଭଟଲି ଦଧିବାମନ ମନ୍ଦିରକୁ ରଥଯାତ୍ରା ଦେଖିବାକୁ ଯାଇଥିଲେ। ଫେରିବା ବାଟରେ ପିପଲମୁଣ୍ଡା ନର୍ସରୀରେ ଜଣକୁ ୧୦ଟି ଲେଖାଏଁ ଶାଗୁଆନ, ଛତିଆନ, ବାଉଁଶ, କଦମ୍ବ, ଅଁଳା ଗଛ ମାଗଣାରେ ଦିଆଯାଉଥିଲା। ସେଠାରେ ସେମାନେ ୨୦ଟି ଚାରା ଆଣିଥିଲେ ଏବଂ ଗ୍ରାମ ନିକଟସ୍ଥ କେନାଲ ରାସ୍ତାପାର୍ଶ୍ୱରେ ରୋପଣ କରିଥିଲେ। ସେହି ଚାରାଗୁଡ଼ିକ ଏବେ ବଡ଼ ହେଲାଣି। ସେହି ଗଛ ଗୁଡ଼ିକର ଛାଇରେ ଲୋକେ ଆଶ୍ରୟ ନେବା ସହିତ ଗଛଡାଳରେ ଚଢ଼େଇମାନେ ବସା ବାନ୍ଧିଥିବା ଦେଖି ତାଙ୍କ ମନ



ନିଜେ ଲଗାଇଥିବା ବୃକ୍ଷ ନିକଟରେ ସୁଶାନ୍ତ କୁମାର ପଣ୍ଡା ।

ପ୍ରଫୁଲ୍ଲିତ ହୋଇଥାଏ ବୋଲି ସୁଶାନ୍ତ କହିଛନ୍ତି। ସେହିପରି ବୃକ୍ଷରୋପଣ ତଥା ସମାଜସେବାକୁ ଆଗେଇନେବା ପାଇଁ ତାଙ୍କ ଉଦ୍ୟମରେ ଗ୍ରାମରେ ଜନସେବା ଗ୍ରୁପ୍ ନାମକ ଏକ ଅନୁଷ୍ଠାନ ଗଢ଼ି ଉଠିଛି। ଏହାସହିତ ଏଭଳି କାର୍ଯ୍ୟରେ ଅଞ୍ଚଳର ଏସ୍‌ଏଚ୍‌ଜି ଗୁଡ଼ିକୁ ମଧ୍ୟ ସାମିଲ କରିବାରେ ସୁଶାନ୍ତଙ୍କ ପ୍ରମୁଖ ଭୂମିକା ରହିଛି । ଏହି ଅନୁଷ୍ଠାନ ହେବା ପରେ ବୃକ୍ଷରୋପଣ ଏବଂ ସମାଜସେବା କାର୍ଯ୍ୟ ଆହୁରି ପରିବ୍ୟାପ୍ତ ହୋଇପାରିଥିବା ସେ କହିଛନ୍ତି। ତାଙ୍କର ଏଭଳି ବୃକ୍ଷରୋପଣ ଏବଂ ସେବା କାର୍ଯ୍ୟ ଯୋଗୁ ସୁଶାନ୍ତ ପ୍ରକୃତିବନ୍ଧୁ ପୁରସ୍କାର ପାଇଥିବାବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି ।

# ପରିବେଶ ସୁରକ୍ଷା ପାଇଁ ଆହ୍ୱାନ

**ବରଗଡ଼ ଅଫିସ/ ଅମ୍ବାଭୋନା/ଜାମଟିକ୍ରା, ୫।୬**

ବିଶ୍ୱତାପନ ବର୍ତ୍ତମାନ ଚିନ୍ତାର କାରଣ ପାଲଟିଛି। ଏଭଳି ସ୍ଥିତିରେ ବୃକ୍ଷରୋପଣ ସହିତ ପରିବେଶ ସୁରକ୍ଷା ଜରୁରି ହୋଇପଡିଛି। ରବିବାର ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବକ୍ତାମାନେ ଏହା ମତପ୍ରକାଶ କରିଛନ୍ତି। ବରଗଡ଼ ସହର ତପୋବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ପ୍ରୀତମ ସିଂହ ସଂଯୋଜନା କରିଥିଲେ। ଏହି ବରଗଡ଼ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପରିବେଶ ସୁରକ୍ଷା ସହିତ ପଲିଥିନ ବର୍ଜନ ଏବଂ ବୃକ୍ଷରୋପଣ ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବରଗଡ ମହିଳା ସମିତି, ଦିଶା, ବୈଶ୍ୟ ପରିବାର ମହିଳା ସମିତି ଆଦି ଅନୁଷ୍ଠାନର ପ୍ରତିନିଧିମାନେ ଅଂଶଗ୍ରହଣ କରି ବୃକ୍ଷଚାରା ରୋପଣ ଲଗାଇଥିଲେ। ସି.ଏମ୍. ରାଓ, ଗୌରାଙ୍ଗ ନାୟକ, ସୁଶାନ୍ତ ତ୍ରିପାଠୀ, ସି.ଏସ୍. ରାଓ, ବରଗଡ ମହିଳା ସମିତି ସଭାନେତ୍ରୀ ବନଶ୍ରୀ ପାତ୍ର, ଗୀତା ମିଶ୍ର, ଦିଶା ପରିବାରର ଉଷା



ତପୋବନରେ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

ରାଣୀ ସୁବୁଦ୍ଧି, ପୁନମ ପାତ୍ର, ଉଷାରାଣୀ ପାତ୍ର, ବିଜୟଲକ୍ଷ୍ମୀ ସୁବୁଦ୍ଧି, ମିନତୀ ସୁବୁଦ୍ଧି, ଗିରିଜା ସୁବୁଦ୍ଧି ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସଦସ୍ୟ ଚନ୍ଦ୍ରଶେଖର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଅମ୍ବାଭୋନା ବ୍ଲକ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା. ଟେମରାମ ଦେହେରିଙ୍କ ତତ୍ତ୍ୱାବଧାନରେ ଲେଥେର, ବାଞ୍ଜିପାଲି ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା। ବରଗଡ଼ ଜିଲା ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ପରିସରରେ ସରପଞ୍ଚ ବିଜୟ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଏବଂ ମିଶନ ଶକ୍ତିର ସମସ୍ତ ସିଆରପି, ସଭାନେତ୍ରୀ ଓ ସମ୍ପାଦକ ଉପସ୍ଥିତ ଥିଲେ। ଏହି ଅବସରରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଅତାବିରା ବ୍ଲକ ଅଧୀନ ଝିଲିମିଣ୍ଡା ଜଗନ୍ନାଥ ହାଇସ୍କୁଲରେ ଇକୋ କ୍ଲବର ଇନଚାର୍ଜ ଶିକ୍ଷକ ଧର୍ମରାଜ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଶିକ୍ଷକ ଶିଶିର କୁମାର ଭୋଇ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରଗଡ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଝାରବନ୍ଧ ବ୍ଲକରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା।

### ମୃତକଙ୍କ ପରିବାରକୁ ମିଳିଲା ୧ ଲକ୍ଷ ଟଙ୍କା ଅନୁଦାନ

**ବାର୍‌ହା ଫାଶରେ ପଡ଼ି ମୃତ୍ୟୁ ଘଟିବା ଘଟଣା**

**ଭବାନୀପାଟଣା,୫।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଦୁର୍ଗମ ପୋଡାପଦର ଗ୍ରାମପଞ୍ଚାୟତ ଅଧୀନ ଉପର ଟେମରା ଗାଁରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଫାଶରେ ପଡ଼ି ଜଣେ ବାଳିକାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶରେ ଟାଟା ପାୱାର ପକ୍ଷରୁ ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ ଯେ, ୨୦୨୧ ନଭେମ୍ବର ୨୭ରେ ଦୁର୍ବୃତ୍ତମାନେ ବାର୍‌ହା ଶିକାର ପାଇଁ ରାତିରେ ତାର ବିଛାଇ ବିଦ୍ୟୁତ୍ ସଂଯୋଗ କରିଥିଲେ। ୨୮ ତାରିଖରେ ସେହି ତାର ସଂସ୍ପର୍ଶରେ ଆସି ଗ୍ରାମର କାଞ୍ଚୁ ଜାନିଙ୍କ ଝିଅ ଯମୁନାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନଙ୍କ ପାଖରେ ଅଭିଯୋଗ ଦାଖଲ କରିଥିଲେ।

# ରାଜ୍ୟ ମୁଏଥାଇ ପ୍ରତିଯୋଗିତା ଉଦ୍‌ଘାଟିତ

**ବରଗଡ ଅଫିସ, ୫।୬**

**ଭାଗ ନେଇଛନ୍ତି ୨୦୦ ଖେଳାଳି**

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଓଡିଶା ରାଜ୍ୟ ମୁଏଥାଇ (ଥାଇ ବକ୍ସିଂ) ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଛି। ଓଡିଶା ରାଜ୍ୟ ମୁଏଥାଇ (ଥାଇ ବକ୍ସିଂ) ୟୁନିୟନ ସଭାପତି ରବି ନାରାୟଣ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, ଓଡ଼ିଶା ଏଣ୍ଟରପ୍ରାଇଜେସ୍‌ର ଚେୟାରମ୍ୟାନ ଚନ୍ଦ୍ରଶେଖର ବାଗ, ଡିଆରଡିଏ ଅମ୍ବୁଡ୍‌ସ ମ୍ୟାନ ପ୍ରଦୀପ ନନ୍ଦ, ବରଗଡ ଚ୍ୟାମ୍ବର ଓ କମର୍ସର ସଭାପତି ଦିଲୀପ ସାୱଡିଆ, ଜିନ୍ଦଲ ଡେଭଲପ୍‌ର ନିର୍ଦ୍ଦେଶକ ଅନିଶ ଅଗ୍ରୱାଲ, ସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୭ ଜିଲାରୁ ପ୍ରାୟ ୨୦୦ ପ୍ରତିଯୋଗୀ ଓ ୨୩ ଜଣ ମ୍ୟାଚ୍ ଅଫିସିଆଲ ଭାଗ ନେଇଛନ୍ତି। ପରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରଗଡ ଉପ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ପ୍ରକାଶ ହୋତା, ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, ସଦସ୍ୟ ସନ୍ତୋଷ ପଣ୍ଡା, ଅମୀୟ ଭୂଷଣ ସାହୁ, ସୌମ୍ୟ ରଞ୍ଜନ ରାଏ, ପ୍ରଦୀପ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ଓଡିଶା ମୁଏଥାଇ (ଥାଇ ବକ୍ସିଂ)ରେ 'ଜାତୀୟ ମୁଏଥାଇ ଚାମ୍ପିୟନଶିପ୍' ପାଇଁ ପ୍ରତିଯୋଗୀ ଚୟନ କରାଯିବ। ଏଥିରେ ମୋଟ ୮ଟି ବୟସ ବର୍ଗରେ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ବିଭିନ୍ନ ଓଜନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ମହାମାରୀ କରୋନା ଯୋଗୁ ଏହି ପ୍ରତିଯୋଗିତାକୁ ଦୁଇ ବର୍ଷ ପାଇଁ ଆୟୋଜକ ସ୍ଥଗିତ ରଖିଥିବା ବେଳେ ଚଳିତ ବର୍ଷ ୧୦ମ ସଂସ୍କରଣକୁ ବରଗଡ଼ଠାରେ ଆୟୋଜନ କରାଯାଉଛି।

# ନିଆରା ଢଙ୍ଗରେ ପାଳିଲେ ଜାତୀୟ କ୍ୟାନ୍‌ସର ସର୍ଭାଇବର ଦିବସ

**ବରଗଡ଼ ଅଫିସ,୫।୬**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ରବିବାର ଭିନ୍ନ ଢଙ୍ଗରେ ଜାତୀୟ କ୍ୟାନ୍‌ସର ସର୍ଭାଇବର ଦିବସ ପାଳିତ ହୋଇଛି। ବରଗଡ଼ ଫାଇଟର୍ସ ଗ୍ରୁପ୍ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ବହୁ ବିଶେଷଜ୍ଞ ଡାକ୍ତର, କ୍ୟାନ୍‌ସର ପୀଡ଼ିତ ପରିବାର ତଥା କ୍ୟାନ୍‌ସର ସହିତ ଲଢେଇ କରି ଫେରିଥିବା ଲୋକେ ଏଥିରେ ସାମିଲ ହୋଇଥିଲେ। ସମସ୍ତେ ଏକାଠି ନାଚଗୀତରେ ଏହି ଦିବସକୁ ପାଳନ କରିବା ଏକ ନିଆରା ପରିବେଶ ସୃଷ୍ଟି କରିବା ସହିତ ଏହା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ପାଲଟିଥିଲା।

ରୋଗ ନିରାକରଣରେ ଆତ୍ମବିଶ୍ୱାସ ଓ ଦୃଢ଼ ମନୋବଳର ଆବଶ୍ୟକତା ରହିଛି। ଫଳରେ ସବୁବେଳେ କ୍ୟାନ୍‌ସର ପୀଡିତଙ୍କ ସହିତ ଭଲ ଭାବେ ମିଳାମିଶା କରିବା ସହିତ ସେମାନଙ୍କ ମନୋବଳ, ଆତ୍ମବିଶ୍ୱାସ ସୁଦୃଢ଼ କରିବା ଦରକାର ଏବଂ ଉକ୍ତ କାର୍ଯ୍ୟକ୍ରମ ସେହି ବାର୍ତ୍ତା ଦେଉଛି ବୋଲି ମତପ୍ରକାଶ ପାଇଥିଲା। ସେହିପରି କ୍ୟାନ୍‌ସର ରୋଗର କାରଣ, ନିରାକରଣ ଉପରେ ଆଲୋଚନା ହୋଇଥିଲା। ଅତିଥି ଓ ଡାକ୍ତରମାନେ ସେ ନେଇ ନିଜ ମତ ରଖିଥିଲେ। କ୍ୟାନ୍‌ସରରୁ ଆରୋଗ୍ୟ ଲାଭ କରିଥିବା ଅଶ୍ୱିନୀ ଦର୍ଜୀ ଆଗାମୀ ପିଢ଼ି ପାଇଁ ସେ ନିଜ ଶରୀର ଦାନ ପାଇଁ ଘୋଷଣା କରିଥିଲେ। ଏହି ଅବସରରେ ଡା. ଶଙ୍କର ରାମଚନ୍ଦାନୀ, ଡାକ୍ତର ନିଶାନ୍ତ ଦେବତାଙ୍କ ସମେତ ବହୁ ପ୍ରତିଭା ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଇଟର୍ସ ଗ୍ରୁପ୍ ସଭାପତି ପ୍ରସନ୍ନ ମିଶ୍ର, ସମ୍ପାଦକ ବିଜନକାନ୍ତି ମିଶ୍ର, ଡା. ରାଜେଶ ତ୍ରିପାଠୀ, ମୀନତି ପତି, ରାଜଗୋପାଳ ଦାଶଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।





କ୍ୟାନସର ସର୍ଭାଇବର ଦିବସ ପାଳନ ଅବସରରେ ଅତିଥି ଏବଂ ସଙ୍ଗଠନ କର୍ମକର୍ତ୍ତା।

# ଉଦ୍‌ଯାପିତ ହେଲା ପ୍ରଥମ ଗଡଜାତ ଲୋକ ମହୋତ୍ସବ

**ବୌଦ୍ଧ,୫।୬ (ସ୍ୱ.ପ୍ର.)**

ଗତ ଶୁକ୍ରବାର ଠାରୁ ବୌଦ୍ଧ ଜିଲାର ଐତିହାସିକ ଗନ୍ଧରାଢୀ ପୀଠରେ ଆରମ୍ଭ ହୋଇଥିବା ପ୍ରଥମ ଗନ୍ଧରାଢୀ ଲୋକକଳା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ମହୋତ୍ସବର ଦ୍ୱିତୀୟ ଦିବସରେ କାଳବୈଶାଖୀ ତାଣ୍ଡବ ଯୋଗୁ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା। ଉଦଯାପନୀ ଦିବସରେ କମିଟିର ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର , ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲାପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର , ଜିଲା ପରିଷଦ ସଭ୍ୟା ତାରାମଣୀ ପ୍ରଧାନ, ବନମାଳୀ ରଣା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଜିଲାପାଳ ମିଶ୍ର, ବ୍ଲକ ଅଧ୍ୟକ୍ଷା ରଥ ଓ ବନମାଳୀ ରଣା ଗନ୍ଧରାଢୀ ପୀଠର ବିକାଶ ଉପରେ ଆଲୋକପାତ କରିଥିଷଳ । ମୁଖ୍ୟବକ୍ତା ଭାବେ ଡ. ହୃଷିକେଶ ମିଶ୍ର, ଡ, ଜ୍ୟୋତିରଞ୍ଜନ ବହିଦାର ଯୋଗ ଦେଇ ଗନ୍ଧରାଢୀ ପୀଠର ଐତିହାସିକ କଥାକୁ ଉପସ୍ଥାପନ କରିଥିଲେ । କମିଟିର ଉପସଭାପତି ମନରଞ୍ଜନ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକ ଶମ୍ଭୁଗିରି ବିବରଣୀ ପାଠ କରିଥିଲେ । ତେବେ ସଭାର ଅଳ୍ପ ସମୟ ପରେ କାଳବୈଶାଖୀ ହେବାରୁ କାର୍ଯ୍ୟକ୍ରମ ବନ୍ଦ ହୋଇ ଯାଇଥିଲା ।

**ହୀରାପୁର ପଞ୍ଚାୟତ ଦୁର୍ନୀତି ମାମଲା**

# ସ୍ୱର ଚାପିଦେବାକୁ ଉଦ୍ୟମ ଅଭିଯୋଗ

**ଲୋଇସିଂହା,୫।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତରେ ଉନ୍ନୟନ କାମରେ ଦୁର୍ନୀତି ହୋଇଛି। ଗୋଟିଏ ପ୍ରକଳ୍ପରେ ଏକାଧିକ ଥର ବିଲ୍ ଉଠାଣ, ଅନୁଦାନ ମୁତାବକ ସନ୍ତୋଷଜନ କାମ ନ କରି ଅର୍ଥ ହରିଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ପ୍ରଶାସନଠାରୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଯାଏ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ରବିବାର ଲୋଇସିଂହା ବାବା ମଠଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଧାନାଥ ବିଶ୍ୱାଳ ଏପରି ଅଭିଯୋଗ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ବ୍ଲକ ଆଗରେ ଧାରଣା ଦେବାକୁ ଚେତବନୀ ଦିଆଯାଇଛି। ଅପରପକ୍ଷେ ଖବରଦାତା ସମ୍ମିଳନୀ ଚାଲିଥିବା ବେଳେ କେତେକ ବ୍ୟକ୍ତି ବାବା ମଠକୁ ଧସେଇ ପଶିଆସି ଗାଳିଗୁଲଜ କର କାର୍ଯ୍ୟକ୍ରମକୁ ଭଣ୍ଡୁର ଉଦ୍ୟମ କରିଥିଲେ। ଖବର ପାଇ ଲୋଇସିଂହା ପୋଲିସ ସେଠାରେ ପହଞ୍ଚି ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି ।

ହୀରାପୁର ପଞ୍ଚାୟତ ଦୁର୍ନୀତିର ତଦନ୍ତ କରିବାକୁ ଭିଜିଲାନ୍ସ ପକ୍ଷରୁ ଜୁନ ୧ତାରିଖରେ ପଞ୍ଚାୟତ ଅନ୍ତର୍ଗତ କେତେକ ଗ୍ରାମକୁ ଯାଇ କ୍ଷେତ୍ର ପରିଦର୍ଶନ କରିଥିଲେ। ହେଲେ ଜିଲା ପ୍ରଶାସନ ଅଭିଯୋଗ ପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ରବିବାର ରାଧାନାଥ ବିଶ୍ୱାଳ, ପୁରନ ଭୋଇ, ଅଶୋକ ବାରିକ, ମନରଞ୍ଜନ ବେହେରା, ୱାର୍ଡସଭ୍ୟ ହିରାଲାଲ ଭୋଇ, ସମୀର ବିଶ୍ୱାଳ, କଇଁରୁ ସାହୁ ପ୍ରମୁଖ ଲୋଇସିଂହା ବାବା ମଠଠାରେ ଖବରଦାତା ଡାକି ଦୁର୍ନୀତ ସମ୍ପର୍କରେ ସୂଚନା ଦେଇଥିଲେ । ସେମାନଙ୍କ ସୂଚନା ମୁତାବକ ଏସଏସଏଫସି ଓ ସିଏଫସି ପାଣ୍ଠିରୁ ଧାର୍ମିକ ଅନୁଷ୍ଠାନକୁ ଅନୁଦାନ ଦେବା ସରକାରୀ ଆଇନର ବିରୋଧାଚରଣ କରୁଛି। ହେଲେ ପଞ୍ଚାୟତର ସମେଲମୁଣ୍ଡା ଗାଁର କେତେକ ଧାର୍ମିକ ଅନୁଷ୍ଠାନ ନାମରେ ଅନୁଦାନ ପକା ଯାଇଛି ।ଗ୍ରାମ ମହାଦେବ ମନ୍ଦିର ପ୍ଲିନ୍ଥ ପର୍ଯ୍ୟନ୍ତ କାମ କରି ଅନୁଦାନ ରାଶି ଉଠାଯାଇଛି। ସେହିପରି ଉକ୍ତଗ୍ରାମରେ ପଥେଇ ଗୁଡି ଏବଂ ଭାଗତ ମନ୍ଦିର ନାହିଁ । ଉଭୟ ମନ୍ଦିର ନାମରେ ଅନୁଦାନ ଉଠିଛି। ୧ ଏକର ପରିସୀମା ନୂଆଁବନ୍ଧରେ ବିଗତ ୫ ବର୍ଷରେ ୩୫ ଲକ୍ଷ ସରକାରୀ ଅନୁଦାନ ଖର୍ଚ୍ଚ କରାଯାଇଛି। ଗତ ୫ ବର୍ଷରେ ଟେଭାଡୁଙ୍ଗରୀ ଗ୍ରାମରେ କୌଣସି କାମ କରାଯାଇନାହିଁ। ବାରଡୋଲ ଏବଂ ବୋଡୁଙ୍ଗରୀ ମଝିରେ ଥିବା ସାପଖାଇ ନାଳାରେ ଚେକଡ୍ୟାମ, ମାଟି କାମ ଏପରି ଭାବେ ୫ ବର୍ଷରେ ପ୍ରାୟ ୩୨ ଲକ୍ଷ ଟଙ୍କା କାମ କରି ସୁଦ୍ଧା ସନ୍ତୋଷଜନକ ହୋଇ ନ ଥିବା ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି।

